# କେନ୍ଦ୍ର, ରାଜ୍ୟ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

ଭବାନୀପାଟଣା,୨୯।୧୨(ଉତ୍ତମ କୁମାର ଦାଶ)



ଦ୍ୱିତୀୟ ଦିଶା କମିଟି ବୈଠକରେ ଆଲୋଚନା କରାଯାଉଛି।

**ଭବାନୀପାଟଣାରେ ଦ୍ୱିତୀୟ ଦିଶା କମିଟି ବୈଠକ**

- ମଧ୍ୟାହ୍ନଭୋଜନରେ ୨୧୬୬ ଟି ସ୍କୁଲର ୧,୮୬,୭୪୬ ଛାତ୍ରୀଛାତ୍ର ଉପକୃତ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧,୫୭,୪୨୭ ପରିବାର ହିତାଧିକାରୀ କାମ ପାଇଛନ୍ତି

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଚଳିତବର୍ଷର ଦିତୀୟ ଦିଶା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏମପି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଧର୍ମଗଡ ବିଧାୟକ ମୌଷଧି ବାଗ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର ପ୍ରକାଶ, ସଦର ବିଧାୟକ ପ୍ରତିନିଧି ମନୋଜ ସାହୁ, ନର୍ଲା ବିଧାୟକ ପ୍ରତିନିଧି ସୁଧୀର ମହାନ୍ତି, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ, ସରପଞ୍ଚ, ଏନଏସି ଅଧ୍ୟକ୍ଷ, ଭବାନୀପାଟଣା ପୌରପାଳିକା ଅଧ୍ୟକ୍ଷା, ଏନଜିଓ କର୍ମକର୍ତ୍ତା ଓ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ଜନପ୍ରତିନିଧି ଓ ସଭା ଅଧ୍ୟକ୍ଷଙ୍କ ଉପସ୍ଥାପିତ ବିଭିନ୍ନ ପ୍ରଶ୍ନ ଅଭିଯୋଗ ଉପରେ ଠିକ ମତ ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୩ଟି ବ୍ଲକରେ ୨୦୨୩-୨୪ରେ ୪୭୮୯ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ୧,୫୭,୪୨୭ ପରିବାର ହିତାଧକାରୀ କାମ ପାଇଛନ୍ତି ଏବଂ ୨୧,୧୭୭ ପରିବାର ୧୦୦ଦିନ କାମ ସମ୍ପୂର୍ଣ୍ଣ କରିଛନ୍ତି। ସେହିପରି ଜମି ରେକର୍ଡ ଆଧୁନୀକରଣରେ କଳାହାଣ୍ଡି, ଧର୍ମଗଡ, ଏମ୍. ରାମପୁର, ଥୁଆମୂଳରାମପୁର, ଜୟପାଟଣା ତହସିଲକୁ ନିଆଯାଇଛି। ଗ୍ରାମ୍ୟ ବିଦ୍ୟୁତ୍‌କରଣରେ ପୂର୍ବ ଡିଭିଜନରେ ଦିନଦୟାଲ ଗ୍ରାମ୍ୟ ଜ୍ୟୋତି ଯୋଜନା ଅନ୍ତର୍ଗତ ୫୬୧ଟି ଗ୍ରାମର ୧୬,୧୯୮ ପରିବାର ଓ ସୌଭାଗ୍ୟ ଯୋଜନାରେ ୫୨୦ଟି ଗ୍ରାମର ୩୩୦୮୦ ପରିବାର ଓ ପଶ୍ଚିମ ଡିଭିଜନରେ ଦିନ ଦୟାଲ ଗ୍ରାମ୍ୟ ଜ୍ୟୋତି ଯୋଜନାରେ ୫୪୮ଟି ଗ୍ରାମର ୩୯,୭୦୮ ପରିବାର ଓ ସୌଭାଗ୍ୟ ଯୋଜନାରେ ୭୪୨ଟି ଗ୍ରାମର ୫୯,୧୨୭ ପରିବାରଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଦିନଦୟାଲ ଗ୍ରାମ୍ୟ କୌଶଳ ଯୋଜନାରେ ୨୦୧୫ରୁ ୨୦୨୨-୨୩ ପର୍ଯ୍ୟନ୍ତ ବିଭିନ୍ନ ଟ୍ରେଡରେ ୫୬୭୬ ଜଣ କର୍ମ ନିଯୁକ୍ତି ପାଇଛନ୍ତି। ମଧ୍ୟାହ୍ନଭୋଜନରେ ୧୩ଟି ବ୍ଲକରେ ୨୧୬୬ଟି ସ୍କୁଲ ୧,୮୬,୭୪୬ ଜଣ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି। ଏମପି ପଣ୍ଡା ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଆସିଥିବା ଅନୁଦାନ ଅର୍ଥ, କାର୍ଯ୍ୟ ନିର୍ବାହ, ଲକ୍ଷ୍ୟ ପୂରଣ ଉପରେ ସବିଶେଷ ସମୀକ୍ଷା କରିଥିଲେ।

ବୈଠକରେ ଦୁର୍ଗମ ଅଞ୍ଚଳରେ ମୋବାଇଲ ଓ ଟାୱାର, କ୍ଷୁଦ୍ର ଜଳ ସେଚନ, ପୋଷଣ ଯୋଜନା, ଉର୍ଲାଦାନି ପଞ୍ଚାୟତରେ ୧୬ଟି ଗ୍ରାମରେ ସୋଲାର ବିଦ୍ୟୁତିକରଣ, ଗ୍ରାମ୍ୟ ଉନ୍ନୟନ ଦ୍ୱାରା ଗ୍ରାମ ସଂଯୋଗିକରଣ ରାସ୍ତା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ଜିଲା ଅବକାରୀ କାର୍ଯ୍ୟାଳୟ କୋଠା ଉଦ୍‌ଘାଟିତ



ନୂଆପଡ଼ା,୨୯।୧୨(ମକାରୁ ବେମାଲ)

ନୂଆପଡ଼ା ସଦର ମହକୁମାସ୍ଥିତ ଜିଲା ଅବକାରୀ ଷ୍ଟେଶନ ଓ ଭ୍ରାମ୍ୟମାଣ କାର୍ଯ୍ୟାଳୟ କୋଠାଗୃହ ଉଦ୍‌ଘାଟିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ହେମକାନ୍ତ ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ଉଦ୍‌ଘାଟନ କରିଥିଲେ। ନୂଆପଡ଼ା ଅବକାରୀ ଥାନାଧିକାରୀ ଗୁପ୍ତେଶର ପଟେଲ, ଏସଆଇ ହିରାବତି ଥାଟି, ମୁଖ୍ୟ କିରାଣି ସୌମ୍ୟକାନ୍ତ ହୋତା, ଏସଆଇ ସଞ୍ଜୀବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଧନୁଯାତ୍ରାରେ ବାଇକ୍ ଚୋରି, ଜଣେ ଗିରଫ

କୋକସରା,୨୯।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା ଗ୍ରାମରେ ଧନୁଯାତ୍ରା ମହୋତ୍ସବ ଚାଲୁଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ପ୍ରବଳ ଭିଡ ହେଉଛି। ଏହି ଭିଡ଼ରେ ଚୋରଙ୍କ ଉତ୍ପାତ ମଧ୍ୟ ବୃଦ୍ଧି ପାଇଛି। ଧନୁଯାତ୍ରା ଦେଖିବାକୁ ଯାଇଥିବା ମିର୍ଜାପୁର ଗ୍ରାମର ସୟମ୍ବର ମଶରାଙ୍କ ବାଇକ୍ (ନଂ.ସିଜି୨୩ ଏଫ ୭୯୭୩) ଚୋରି ହୋଇଥିବା ନେଇ କୋକସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତତ୍ପରତା ଦେଖାଇ ତଦନ୍ତ ଆରମ୍ଭ କରି ଧର୍ମଗଡ଼ ବ୍ଲକ ତରାପୁର ଗ୍ରାମର ଜଣେ ବାଇକ ଚୋର ଭୁପେନ୍ଦ୍ର ଚନ୍ଦନ (୨୧)ଙ୍କୁ ଗିରଫ କରି ତା'ଠାରୁ ବାଇକ ଜବତ କରି ମାଲିକଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୩୧୭/୨୩) ରୁଜୁ ହୋଇଥିବା ଓ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଦାମୋଦର ନାଏକ ସୂଚନା ଦେଇଛନ୍ତି।

## ଦେଓଗାଁ ଡିଗ୍ରୀ କଲେଜକୁ ଉପନିର୍ଦ୍ଦେଶିକାଙ୍କ ପରିଦର୍ଶନ

ଦେଓଗାଁ,୨୯।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜକୁ ଶୁକ୍ରବାର ଉଚ୍ଚ ଶିକ୍ଷା ବିଭାଗର ଉପନିର୍ଦ୍ଦେଶିକା ମମତା ପଣ୍ଡା ଅଚାନକ ଭାବେ ପରିଦର୍ଶନ କରିଛନ୍ତି। ସେ ଡିଗ୍ରୀ କଲେଜକୁ ପରିଦର୍ଶନ କରିବାସହ କଲେଜରେ ହୋଇଥିବା ନୂଆ ଓଡ଼ିଶା ଯୁବ ଓଡିଶା କାର୍ଯ୍ୟକ୍ରମର ସାମାଜିକ, ସାଂସ୍କୃତିକ ଓ କ୍ରୀଡା ବିଷୟରେ ପଚାରି ବୁଝିଥିଲେ। ପରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଛାତ୍ର ବୃତ୍ତି ଯୋଜନା, ମେଧାବୃତ୍ତି, ପୋଷ୍ଟ ମାଟ୍ରିକ ବୃତ୍ତି ଏବଂ ମାଗଣା ଲାପଟପ ପ୍ରଦାନ ଦିଗରେ କଲେକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ଓ ପ୍ରାଧ୍ୟାପକ ଡ. ସୁରେଶ କୁମାର ଷଡଙ୍ଗୀଙ୍କ ସହ ଆଲୋଚନା କରି ପଚାରି ବୁଝିଥିଲେ। ଏ ଅବସରରେ କଲେଜରେ ଗୋଟିଏ ଅଡିଟୋରିୟମ ଓ ବାଳିକା ପ୍ରେକ୍ଷାଳୟ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

## ସାମିଲହେବା ପାଇଁ ଯୋଗେଶ୍ୱର ପୀଠକୁ ନିମନ୍ତ୍ରଣ

ନୂଆପଡ଼ା,୨୯।୧୨(ମକାରୁ ବେମାଲ)

ଆସନ୍ତା ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଛି। ଏଥିପାଇଁ ଗୁରୁବାର ନୂଆପଡା ଜିଲା ବାବା ଯୋଗେଶ୍ୱର ମନ୍ଦିର ପତୋରା ଓ ପାତଳାଗଙ୍ଗାସ୍ଥିତ ନନା ମୃତ୍ୟୁଞ୍ଜୟଙ୍କୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ସମ୍ମିଳିତ ହେବା ପାଇଁ ପୁରୀରୁ ନିମନ୍ତ୍ରଣ ପହଞ୍ଚିଛି। ସୂଚନା ମତେ ପୁରୀରୁ ନିମନ୍ତ୍ରଣ ଧରି ବାହାରି ଥିବା ଶ୍ରୀମନ୍ଦିର ସେବାୟତ ବିପିନ ପତ୍ରୀ, ରାମକୃଷ୍ଣ ପତ୍ରୀ, ଜୟକୃଷ୍ଣ ମହାପାତ୍ର, ସୁର୍ଯ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ବିଳମ୍ବିତ ରାତିରେ ନୂଆପଡାରେ ପହଞ୍ଚିଥିଲେ। ନୂଆପଡା ସର୍କିଟ ହାଉସଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲାପାଳ ହେମକାନ୍ତ ସାଏ, ନୂଆପଡା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ମଧୁଛନ୍ଦା ସାହୁ, ଉପଜିଲାପାଳ ସୁବାସ ସୁବାସ ଚନ୍ଦ୍ର ରାଇତା ପ୍ରମୁଖ ଆଲୋଚନା କରିବା ପରେ



ସେବାୟତଙ୍କୁ ସ୍ୱାଗତ କରାଯାଉଛି।

**ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ**

ସେବାୟତମାନେ ପତୋରାସ୍ଥିତ ବାବା ଯୋଗେଶ୍ୱରଙ୍କ ମନ୍ଦିରକୁ ବାହାରିଥିଲେ। ସେଠାରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସେମାନଙ୍କୁ ଉଭୟ ସ୍ୱାଗତ ଜଣାଇଥିଲେ। ବାବା ଯୋଗେଶ୍ୱରଙ୍କ ପିଠରେ ପୂଜାର୍ଚ୍ଚନା କରି ମନ୍ଦିର ପରିଚାଳାନ କମିଟି ସଭାପତି ଓ ସମ୍ପାଦକଙ୍କୁ ପରିକ୍ରମା ପ୍ରକଳ୍ପରେ ସମ୍ମିଳିତ ହେବାକୁ ନିମନ୍ତ୍ରଣ ଜଣାଇଥିଲେ। ଜିଲାପାଳ ପ୍ରତିନିଧି ଅଲୋକ କୁମାର ଅନଗୁଳିଆ, ଧରମବନ୍ଧା ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନା ମନ୍ଦିର ପରିଚାଳାନ କମିଟି ସମ ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ମହାଲିଙ୍ଗଠାରେ ବ୍ଲକସ୍ତରୀୟ କର୍ମଶାଳା

ଗୋଲାମୁଣ୍ଡା,୨୯।୧୨(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଉପର ପ୍ରାଇମେରୀ ସ୍କୁଲରେ ଗୁରୁବାର କ୍ରାଏ ସଂସ୍ଥାର ସହଯୋଗକ୍ରମେ ଚଲେ ଚଲୋ ସଂସ୍ଥା ପକ୍ଷରୁ ସବସେଣ୍ଟର ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ମିଳୁଥିବା ସୁବିଧା ସୁଯୋଗ ଉପରେ ଏକ ବ୍ଲକସ୍ତରୀୟ ଆଡଭୋକେଶି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଞ୍ଚାୟତ ଏକ୍ସଟେନ୍ସିଅନ ଅଫିସର ଅବନା କୁମାର ଭୋଇ, ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଧିକାରୀ ସବିତା ଭୂୟାଁ, ମହାଲିଙ୍ଗ ସରପଞ୍ଚ ଗୌରୀ ଚନ୍ଦନ, ମହାଲିଙ୍ଗ ଅଧୀନରେ ଥିବା ଅଙ୍ଗନୱାଡ଼ି ସୁପରଭାଇଯର ଶାନ୍ତିଲତା ମଙ୍ଗରାଜ, ମହାଲିଙ୍ଗ, ସେନାପାଲି, କୁହୁରା,ଲେଟେର ଓ ଖଲିଆପାଲି ଗ୍ରାମପଞ୍ଚାୟତର ୱାର୍ଡମେମ୍ବର, ଅଙ୍ଗନୱାଡ଼ି କର୍ମୀ, ଆଶା, ଏଏନଏମ ଯୋଗଦେଇଥିଲେ। ଉକ୍ତ କର୍ମଶାଳା ଶିବିରରେ ଉପକେନ୍ଦ୍ର ଏବଂ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିବା ସହ ବିଭିନ୍ନ ରୋଗ ଓ ତାର ନିରାକରଣ, ପରିବାର ନିୟନ୍ତ୍ରଣ, ରକ୍ତ ହୀନତା ଜନିତ ରୋଗ ନିରାକରଣ, ସ୍ୱାସ୍ଥ୍ୟ ଓ ପରିମଳ, ଗର୍ଭ,ପ୍ରସୁତି ଓ ଶିଶୁ ଯତ୍ନ ଉପରେ ଆଲୋକପାତ କରିବା ସହ ବିଶେଷ ରୂପରେ ସମାଜରେ କୁପୋଷଣ ର ଶିକାର ଯେମିତି କେହି ନ ହୁଅନ୍ତି ସେଥିପାଇଁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ଚଲେ ଚଲୋ ସଂସ୍ଥା ଗୋଲାମୁଣ୍ଡା ବ୍ଲକ ଦାୟିତ୍ୱରେ ଥିବା ପ୍ରୋଗ୍ରାମ ମ୍ୟାନେଜର ଚିନ୍ମୟ କୁମାର ପ୍ରଧାନ, ପ୍ରୋଗ୍ରାମ କୋର୍ଡିନେଟର ଭୂଦେବ ଭୋଇ ଏବଂ ଫିଲ୍ଡ ଫସିଲିଟେଟର ବଇଦେହି ସାହୁ, ବାସନ୍ତି ଭୋଇ ଓ ଆଶ୍ରିତା କର ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଗୁରୁକୁଳ ହରିପୁର ଆଶ୍ରମର ବାର୍ଷିକ ମହୋତ୍ସବ ଉଦ୍‌ଘାଟିତ

ନୂଆପଡ଼ା,୨୯।୧୨(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଗୋଡ଼ଫୁଲା ପଞ୍ଚାୟତ ଗୁରୁକୁଳ ଆଶ୍ରମ ହରିପୁର ଯୁନାନିଠାରେ ଶୁକ୍ରବାର ତ୍ରିଦିବସୀୟ ୧୪ତମ ବାର୍ଷିକ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଆଚାର୍ଯ୍ୟ ସ୍ୱାମୀ ଡା.ସୁଦର୍ଶନ ଜୀ ଦେବଚାର୍ଯ୍ୟାଙ୍କ ଅଧକ୍ଷତାରେ ଗୁଜୁରାଟରୁ ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ଉତ୍ତରପ୍ରଦେଶରୁ ଜ୍ୱଳନ୍ତ କୁମାର ଶାସ୍ତ୍ରୀ, ବରଗଡ଼ ଜିଲାରୁ ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ଗଞ୍ଜାମ ଜିଲାରୁ ଆଚାର୍ଯ୍ୟ ବାମଦେବ ଜୀ, ଆଚାର୍ଯ୍ୟ ଦିଲୀପ କୁମାର ଜିଜ୍ଞାସୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶାସ୍ତ୍ରରୁ ଶସ୍ତ୍ର ବିଦ୍ୟା ପର୍ଯ୍ୟନ୍ତ, ଲୋକ ପ୍ରଚଳିତ ଭାଷାରେ କହିଲେ ସମସ୍ତ ବିଦ୍ୟାରେ ପାରଙ୍ଗମ ଗୁରୁକୁଳ ହରିପୁରର ବ୍ରହ୍ମଚାରୀମାନେ ଭବିଷ୍ୟତ ରାଷ୍ଟ୍ରର ଏକ ଏକ ଶକ୍ତ ସ୍ତମ୍ଭ ପ୍ରତିପାଦିତ ହେବେ, ଏଥିରେ ସନ୍ଦେହ ନାହିଁ ବୋଲି ଅତିଥିଗଣ କହିଛନ୍ତି। ବାର୍ଷିକ ଉତ୍ସବରେ ବିଦ୍ୟାଳୟର ସମସ୍ତ ଗୁରୁଜନ ଓ ବ୍ରମହାଚାରୀ ଉପସ୍ଥିତ ଥିଲେ।

## ଫୁଟ୍‌ବଲ: ଡଙ୍ଗରିଗୁଡ଼ା ଚାମ୍ପିୟନ



ଫାଇନାଲ ମ୍ୟାଚ୍‌ରେ ଖେଳାଳିଙ୍କ ସହ ଉପସ୍ଥିତ ଅତିଥି।

କୋକସରା,୨୯।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ଛିଲିପାମାଲ ଖେଳ ପଡ଼ିଆରେ ଚାଲିଥିବା ବିରେନ୍ଦ୍ର ପୁଞ୍ଜି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାଜପା ନେତା ଜନାର୍ଦ୍ଦନ ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଦ୍ୟାଧର ପଣ୍ଡା, ଧନଞ୍ଜୟ ବେହେରା, ଡମ୍ବରୁ ପୁଞ୍ଜି, ଡମ୍ବରୁଧର ଖର୍ସେଲ, ଲକ୍ଷ୍ମଣ ପୂଝାରୀ, ଦିଗାମ୍ବର ନାଗ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟିକିଲି ଓ ଡଙ୍ଗରିଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଡଙ୍ଗରିଗୁଡା ଚାମ୍ପିୟନ ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନାରେ ଖେଳ ଶିକ୍ଷକ ଶଙ୍କର ପୋଢ଼, ଚିତ୍ତ ରଞ୍ଜନ ଠାକୁର, ଲାଇନ ମ୍ୟାନ ରାଧାକାନ୍ତ ପଟ୍ଟନାୟକ, ଗଣପତି ପୂଝାରୀ, ବିକ୍ରମ ଜାନୀ ପରିଚାଳନା କରିଥିବା ବେଳେ ଧାରା ବିବରଣୀ ଦେବେନ୍ଦ୍ର ପୂଝାରୀ, ବଳଦେବ ଭୋଇ କରିଥିଲେ। କମିଟି ସଭାପତି ରାଧାକାନ୍ତ ହଂସ, ଅନୁପ ପଣ୍ଡା, ମନୋଜ ନାଗ, ଗୋଲାପ ପୁଞ୍ଜିଙ୍କ ସହ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ପର୍ଲାଠାରେ ସର୍ବଭାରତୀୟ ଫୁଟ୍‌ବଲ ପ୍ରତିଯୋଗିତା

ବେହେରା,୨୯।୧୨(ଭୂପେଶ ତିୱାରୀ)



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ମିନିଷ୍ଟାଡ଼ିୟମଠାରେ ଚାଲିଥିବା ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ରିଜର୍ ଡେରେ ଶୁକ୍ରବାର ନବରଙ୍ଗପୁର ଓ ବରପାଲି ମହିଳା ଦଳ ମଧ୍ୟରେ ଶୁକ୍ରବାର ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବରପାଲି ଦଳ ନବରଙ୍ଗପୁର ଦଳକୁ ୫ ଗୋଲ ଦେଇ ବିଜୟୀ ହୋଇଥିଲା। ପର୍ଲା କ୍ରୀଡା ସଂଘ ଆନୁକୁଲ୍ୟରେ ଆୟୋଜିତ ଖେଳରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଦିଗାମ୍ବର ଦୁରିଆ, ଧର୍ମଗଡ଼ ଜୋନ ୧ ଜିଲା ପରିଷଦ ସଭ୍ୟ ଗୋପୀ ମହାନନ୍ଦ, ଧର୍ମଗଡ଼ ଏନଏସି ଉପାଧକ୍ଷା ମନୀଷା ମୁଣ୍ଡ ମିଶ୍ର, ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ସେଠିଆ, ଚନ୍ଦାହାଣ୍ଡି ପାନାବେଡ଼ା ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ନଳିନୀ କୁମାର ଦାସ, ସାମାଜିକ କର୍ମୀ ବିବେକ ରଞ୍ଜନ ମିଶ୍ର, ଘନଶ୍ୟାମ ଅଗ୍ରୱାଲ, ରୋମାଞ୍ଚଳ ଗୋପାଳ ପ୍ରମୁଖ ଯୋଗଦେଇଥିଲେ। ତାପସ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସଞ୍ଜୀବ ଦୁର୍ଗା ଓ ଜଗନ୍ନାଥ ମାଝି ଲାଇନରେ ସହଯୋଗ କରିଥିଲେ। ଶନିବାର ରାୟଗଡା ଓ ଛତିଶଗଡ଼ର ଜଗଦଲପୁର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।

## ଚୋରି ଅଭିଯୋଗ, ଜଣେ କୋର୍ଟ ଚାଲାଣ

ଭବାନୀପାଟଣା,୨୯।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଝୁଲୁଘାଟିରେ ଗତ ୨୬ ତାରିଖରେ ୪ଜଣ ଯୁବକ ପିକନିକ କରି ଫେରୁଥିବା କିଛି ଲୋକଙ୍କ ମୋବାଇଲ, ଟଙ୍କା ଓ କ୍ୟାମେରା ଲୁଟ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ତଦନ୍ତ କରି ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟିର ଅମୀର କୁମାର ବାଗଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଲୁଟ କରିଥିବା କ୍ୟାମେରା ସହ ଚୋରିରେ ବ୍ୟବହାର ଗାଡି ଜବତ କରିଛି। ଏହି ଘଟଣାରେ ଅନ୍ୟ ୩ଜଣ ସମ୍ପୃକ୍ତ ଥିବାବେଳେ ସେମାନଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ୬ ମାସ ପୂର୍ତ୍ତି ବର୍ଷେ ବିତିଲା, ହେଲାନି ସମାଧାନ

ଭବାନୀପାଟଣା,୨୯।୧୨(ଉତ୍ତମ କୁମାର ଦାଶ)



ପୌରପାଳିକା କାର୍ଯ୍ୟାଳୟ ଆଗରେ ବିସ୍ଥାପିତ ଦୋକାନୀ ସଂଘର ଧାରଣା।

**ପୁଣି ଧାରଣାରେ ବସିଲେ ବିସ୍ଥାପିତ ଦୋକାନୀ ସଂଘ**

କଳାହାଣ୍ଡି ଜିଲା ଭବାନୀପାଟଣା ବିସ୍ଥାପିତ ଦୋକାନୀ ସଂଘର କାର୍ଯ୍ୟକର୍ତ୍ତାମାନେ ଦୋକାନ ଗୃହ ଯୋଗାଇ ଦେବା ପାଇଁ ଗତ ବର୍ଷ ନଭେମ୍ବର ୧୫ ତାରିଖରୁ ପୌରପାଳିକା ସମ୍ମୁଖରେ ଧାରଣାରେ ବସିଥିଲେ। ଧାରଣାର ୪୭ ଦିନ ପରେ ଭବାନୀପାଟଣା ପୌରପାଳିକା କର୍ତ୍ତୃପକ୍ଷ ଦୋକାନ ଗୃହ ଯୋଗେଇ ଦେବା ପାଇଁ ୬ ମାସ ସମୟ ମାଗିଥିଲେ। ଏହାପରେ ଧାରଣା ସ୍ଥଗିତ ହୋଇଥିଲା। ହେଲେ ୬ମାସ ଯାଇ ବର୍ତ୍ତମାନ ବର୍ଷେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବିସ୍ଥାପିତ ଦୋକାନୀ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ପୌରାପାଳିକା ପକ୍ଷରୁ ଦୋକାନ ଗୃହ ଯୋଗାଇ ଦିଆଯାଇନାହିଁ। ପୌର କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇ ପ୍ରତଶ୍ରୁତି ପାଳନ କରି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିସ୍ଥଳେ ଶୁକ୍ରବାର ବିସ୍ଥାପିତ ଦୋକାନୀ ସଂଘର କାର୍ଯ୍ୟକର୍ତ୍ତାମାନେ ନିଜର ହକ୍ ପାଇଁ ପୁଣି ଭବାନୀପାଟଣା ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସେମାନେ ଏ ବିଷୟରେ ନୂତନ ଭାବେ ଯୋଗଦେଇଥିବା ପୌରାପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଡା.ସତ୍ୟସମର୍ପ୍ତା ରାଉତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ଆସନ୍ତା ଜାନୁୟାରୀ ୨୦ ତାରିଖ ସୁଦ୍ଧା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ନଚେତ ଆସନ୍ତା ୨୩ ତାରିଖରୁ ବିସ୍ଥାପିତ ଦୋକାନୀ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ପୌରପାଳିକା କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ବିସ୍ଥାପିତ ଦୋକାନୀ ସଂଘ ସଭାପତି ରୋହିତ ଦୁର୍ଗାଙ୍କ ନେତୃତ୍ୱରେ ଲକ୍ଷ୍ମୀ ନାରାୟଣ ପଣ୍ଡା, ମହାଦେବ ରାଉତ, ବିଶ୍ୱନାଥ ବାଗ, ସୁଶାନ୍ତ ଯୋଷୀ, ପ୍ରମୋଦ ସେଠି, ଶୁଭେନ୍ଦୁ ରାଉତ, ରମେଶ ପାଢି, ସୁରେନ୍ଦ୍ର ଡାକୁଆ, ନିରୋଦ ରାଉତ, ଅଶୋକ ଭାଟି, ସୁକାନ୍ତ ରାଜଗୁରୁ, ଜି ରାମାରାଓ ଦୋରା, ଲିଙ୍ଗରାଜ ପ୍ରଧାନ, ସୁରେଶ ସଂଗ୍ରାମ, କ୍ଷିରୋଦ ନାଗ, ସୁଦାମ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ଲଢ଼େଇ ଜୋରଦାର କରିବା ପାଇଁ ଶପଥ

ଖଡ଼ିଆଳ/ବୋଡ଼େନ,୨୯।୧୨
(ସୁଜିତ୍ କୁମାର ପ୍ରଧାନ/ଟିକେଶ୍ୱର ନାଗ)





ସମିତିର ଜନଜାଗରଣ ସଭାରେ ସମସ୍ତେ ଶପଥ ନେଉଛନ୍ତି।

**ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ବୈଠକ**

- ସରକାର ପ୍ରତିଶ୍ରୁତି ଦେଇ ପୂରଣ କରୁନାହାନ୍ତି
- ଆର୍‌ପିଡିଏସି ବୈଠକ କେବଳ ଔପଚାରିକତା ମଧ୍ୟରେ ସୀମିତ

ନୂଆପଡା ଜିଲା ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଖଡ଼ିଆଳ ବ୍ଲକ ଓ ବୋଡ଼େନ ମଧ୍ୟସ୍ଥଳ କର୍ଲାକୋଟ ପଞ୍ଚାୟତ ଦରଗାଁ ତିଖାଲି ଡ୍ୟାମ ପାର୍ଶ୍ୱରେ ତିଖାଲି ବିସ୍ଥାପିତଙ୍କ ଏକ ସାଧାରଣ ବୈଠକ ସମିତି ସଭାପତି ନିତ୍ୟାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମିତିର ଜନଜାଗରଣ ସଭାରେ ମୁଖ୍ୟଅତିଥି ଭାବେ ସମିତି ଉପଦେଷ୍ଟା ଯଦୁମଣି ପାଣିଗ୍ରାହୀ, ଉପଦେଷ୍ଟା ଅମରେଶ ପଟ୍ଟନାୟକ, ଉପଦେଷ୍ଟା କରୁଣା ହୋତା, ପୂର୍ବତନ ସରପଞ୍ଚ ଗୋପାଲ ମାଝି, ପୂର୍ବତନ ସରପଞ୍ଚ ଟିକରାମ ମାଝି, କରଲାକୋଟ ସରପଞ୍ଚ ମଙ୍ଗଳ ସିଂଦଲ, ସମିତି ବରିଷ୍ଠ ସଦସ୍ୟ ଧ୍ରୁବ ଦଳ, ପୂର୍ବତନ ସମିତି ସଭ୍ୟ ଲଛମନ ମାଝି, ଉମେଶ ପଟେଲ, ଜୟରାମ ମାଝି, ରାଧେଶ୍ୟାମ ବେହେରା, ଉମରା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସରକାର ବିଭିନ୍ନ ସମୟରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ପୂରଣ କରିନାହାନ୍ତି। ସମ୍ପୂର୍ଣ୍ଣ ବିସ୍ଥାପିତ ଓ ଆଂଶିକ କ୍ଷତଗ୍ରସ୍ତଙ୍କ ମଧ୍ୟରେ ଅଲଗା ଅଲଗା ବ୍ୟବସ୍ଥା ଓ ନିୟମ ଲାଗୁ କରିଥିବାରୁ ବିସ୍ଥାପିତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ମୂଲ୍ୟବାନ ଜମି ସବୁ ଶସ୍ତାରେ ସରକାର ନେଇଗଲେ। ଆରପିଡିଏସି ବୈଠକ କେବଳ ଔପଚାରିକତା ମଧ୍ୟରେ ସୀମିତ ରହିଛି। ବିସ୍ଥାପିମାନଙ୍କ ପାଇଁ ନିଆଯାଉଥିବା ନିଷ୍ପତ୍ତି ଠିକ ଭାବେ ଲାଗୁ ହୋଇପାରିନାହିଁ। ଅର୍ଥ ହେରଫେରର ଅନେକ ଅଭିଯୋଗ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନାହିଁ। ବିସ୍ଥାପିତଙ୍କ ପକ୍ଷରୁ ଯେତେ ଆନ୍ଦୋଳନ ଓ ଅଭିଯୋଗ କଲେ ମଧ୍ୟ ଶୁଣିବାକୁ କେହିନାହାନ୍ତି। ଆଂଶିକ କ୍ଷତିଗ୍ରସ୍ତ ବିସ୍ଥାପିତମାନଙ୍କ ଦୁଃଖ ଦୂରଦଶା ବଢ଼ିବାକୁ ଲାଗିଛି। ଆଂଶିକ କ୍ଷତିଗ୍ରସ୍ତଙ୍କୁ ସରକାର ଏକ କଟଅଫ ତାରିଖ ଓ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତଙ୍କୁ ଅନ୍ୟ କଟଅଫ ତାରିଖ ରଖିଥିବାରୁ ଅଶାନ୍ତି ବଢିଚାଲିଛି। ସମସ୍ତ ବିସ୍ଥାପିତମାନେ ଏକତା ବଜାୟ ରଖି ସଙ୍ଗଠିତ ହୋଇ ନିଜ ହକ୍ ପାଇଁ ଲଢ଼େଇ ଜୋରଦାର କରିବା ଲାଗି ଶପଥ ନେବାକୁ ବିସ୍ଥାପିତମାନଙ୍କୁ ମୁଖ୍ୟଅତିଥି ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ମାଧ୍ୟମରେ ମଜଭୁତ ସଙ୍ଗଠନ ଓ ଜୋରଦାର ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଠାରୁ ନିଜ ଅଧିକାର ପାଇଁ ବାଧ କରାଯିବ ଆଗାମୀ ନୂତନବର୍ଷ ୨୦୨୪ରେ ବିସ୍ଥାପିତମାନଙ୍କ ପାଇଁ କର ବା ମର ତଥା ହକ ନ୍ୟାର୍ଯ୍ୟ ଅଧିକାର ପାଇଁ ସଂଘର୍ଷର ବର୍ଷ ହେବ ବୋଲି ବିସ୍ଥାପିତମାନେ ଇନ୍ଦ୍ରାଦୀ, ବୁଢ଼ାରଜା, ସମଲେଇ ଓ ସମସ୍ତ ଦେବଦେବୀ ନାମରେ ଶପଥ ପାଠ କରିଥିଲେ। ବୈଠକରେ ଶତାଧିକରୁ ଊର୍ଦ୍ଧ୍ୱ ବିସ୍ଥାପିତ ଗ୍ରାମବାସୀଙ୍କ ସହିତ ହୃଷୀକେଶ ବେହେରା, ଟିକ ମାଝି, ଭାବସିନ୍ଧୁ ମାଝି, ଜୟରାମ ମାଝି, ତୁଳସୀ ମାଝି, ଦୁର୍ଯ୍ୟୋଧନ ମାଝି, ଧନୁ ହଂସ, ଟେକ ଧର ମାଝି, କରୁଣାକର ପରାଭୋଇ, ଭାବସିଂ ମାଝି, ବନମାଳୀ ଗଉଡ, ଟଙ୍କ ଗଉଡ, ସାମନ୍ତ ଦଳ, ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବୌଦ୍ଧର ରୋଶନି ଟ୍ରେଡର୍ସ ଉପରେ ଜିଏସ୍‌ଟି ଚଢ଼ାଉ

**ବୌଦ୍ଧ,୨୯।୧୨(ଅଜିତ କୁମାର ବାରିକ):** ବୌଦ୍ଧ ସହରର ପୋଡ଼ାପୋଡ଼ାଠାରେ ଥିବା ରୋଶନି ଟ୍ରେଡର୍ସ ଉପରେ ଶୁକ୍ରବାର ଦିନ ଜିଏସଟି ଚଢାଉ ହୋଇଥିବା ଜଣାପଡିଛି । ସମ୍ବଲପୁର ସିଟି ଜିଏସ୍‌ଟି ପକ୍ଷରୁ ଏକ ୬ ଜଣିଆ ଟିମ୍ ଆସି ବ୍ୟବସାୟୀ କୁଶ ଅଗ୍ରୱାଲାଙ୍କ ବାସଭବନ, ଦୋକାନ ଓ ଗୋଦାମରେ ଏକକାଳୀନ ଚଢାଉ ଜାରି ରଖିଛନ୍ତି । ଚଢାଉ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବୌଦ୍ଧ ପୋଲିସ ମୁତୟନ ହୋଇଛନ୍ତି । କର୍ମଚାରୀ ମାନେ ବ୍ୟବସାୟୀଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ଯାଞ୍ଚ ଚାଲିଥିବାରୁ ଅଧିକାରୀମାନେ କୌଣସି ସୂଚନା ଦେଇନାହାନ୍ତି ।

### ବାଇକ୍‌କୁ ପିଟିଲା ବାଇକ୍, ବୃଦ୍ଧା ମୃତ

**ସରଣ୍ଡା,୨୯।୧୨(ଯୁଧିଷ୍ଠିର ମହାପାତ୍ର):** ବରଗଡ ଜିଲା ଅତାବିରା ଥାନା ଅଧୀନ ସରଣ୍ଡା ଛକରେ ଶୁକ୍ରବାର ଗୋଟିଏ ବାଇକ୍‌କୁ ଅନ୍ୟ ଏକ ବାଇକ୍ ଧକ୍କା ଦେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସୁଭାଷିନୀ ଭୋଇ (୬୩) ଏବଂ ତାଙ୍କ ଘର ଅତାବିରା ଥାନା ଲରାସରା ଗ୍ରାମପଞ୍ଚାୟତର ଖଇରପାଲି ପୁଆଳପୁଡ଼ାରେ ବୋଲି ଜଣାପଡିଛି । ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ନ ୩ଟା ସମୟରେ ପୁଆଳପୁଡ଼ା ଗ୍ରାମର ସୁବାଷିନୀ ଓରଫ ଦ୍ରୌପଦୀ ଓ ତାଙ୍କ ପୁଅ ଜୟପ୍ରକାଶ ଭୋଇ ଏକ ବାଇକ୍ (ନଂ.ଓଆର୧୭ଜି/୫୭୬୮) ଯୋଗେ ସରଣ୍ଡା ଯିବାକୁ ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରୁଥିଲେ । ଏହି ସମୟରେ ଅନ୍ୟ ଏକ ବାଇକ୍ (ନଂ.ସିଜି୦୬ଜିପି/୧୭୫୭) ଦ୍ରୁତଗତିରେ ଆସି ମା' ପୁଅଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ସୁବାଷିନୀଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଅତାବିରା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ଭିଏସ୍‌ଏସ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ମହମ୍ମଦ ସ୍ୱାଏତଦ(୨୩)ଙ୍କୁ ଅତାବିରା ଡାକ୍ତରଖାନାରେ ଚିକିତ୍ସା ପରେ ଥାନାରେ ଅଟକ ରଖାଯାଇଛି ।

### ଅକ୍ଷତ କଳସ ବିତରଣ ଉତ୍ସବ

**ବିନିକା,୨୯।୧୨ (ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲାର ମହାଦେବପାଲିଠାରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସ ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିନିକା ବ୍ଲକର ୧୬ଟି ପଞ୍ଚାୟତ ଓ ବିନିକା ଏନଏସିର ବହୁ ବ୍ୟକ୍ତି ବାଇକ୍ ଶୋଭାଯାତ୍ରାରେ ଆସି ନିଜ ନିଜ ଅକ୍ଷତ କଳସ ଗ୍ରହଣ କରିଥିଲେ । ଏହି ଉପଲକ୍ଷେ ମହାଦେବପାଲି ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ହୋମଯଜ୍ଞ ପୂର୍ବକ ପୂଜାପାଠ ଅନୁଷ୍ଠିତ ହୋଇଥିଲା । ପରେ ଭଜନ କୀର୍ତ୍ତନ ସହିତ ଅକ୍ଷତ କଳସ ବିତରଣ ହୋଇ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା । ଅଯୋଧ୍ୟା ମନ୍ଦିର ନିର୍ମାଣର ଜିଲା ସଦସ୍ୟ ଅଶ୍ୱିନୀ କୁମାର ନାୟକ, ଜନାର୍ଦ୍ଦନ ନାୟକ, ବ୍ଲକ ସଂଯୋଜକ କୃପାସିନ୍ଧୁ ମହାକୁଡ଼ଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

### ମାଉସୀ ମାଁ ମନ୍ଦିର ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ

**ପଦ୍ମପୁର,୨୯।୧୨(ପ୍ରଦୀପ୍ତ ଦାଶ):** ପଦ୍ମପୁର ଶାନ୍ତିନଗରଠାରେ ଅତ୍ରାହି ଭଞ୍ଜନ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ମାଉସୀ ମାଁ ମନ୍ଦିର ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି । ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଅବସରରେ ବିଧାୟିକା ବରିହାଙ୍କ ସମେତ ଭୋଜରାଜ ସିଂ ବରିହା, ସରୋଜ କୁମାର ରଥ, ନଳିନୀ ରଥଙ୍କୁ ସ୍ୱାଗତ କରି ମନ୍ଦିର ନିର୍ମାଣସ୍ଥଳ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା । କାର୍ଯ୍ୟକ୍ରମରେ ମାଉସୀ ମାଁ ମନ୍ଦିର ପୂଜା କମିଟିର ସଭାପତି ଡ଼. ଦେବାଶିଷ ରଥ, ଉପସଭାପତି ମହେଶ ବେହେରା, ସମ୍ପାଦକ ପ୍ରତାପ ନାଥ, କୋଷାଧ୍ୟକ୍ଷ କୁନାଲ ପାଣିଗ୍ରାହୀ, ସୂର୍ଯ୍ୟପ୍ରସାଦ ହୋତା, ତାରା ପ୍ରସାଦ ସତପଥୀ, ଗଙ୍ଗାଧର ମହାନ୍ତିଙ୍କ ସମେତ ଡ. ଗଦାଧର ରଥ, ଡ. ଅର୍ଜୁନ ଦେବତା, ଶ୍ୟାମାମଣି ରଥ ଏବଂ ମୀରା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଘରଡିହ ପଟ୍ଟା ପାଉନାହାନ୍ତି ୫୩ ପରିବାର

- **ସରକାରୀ ଅଧିକାରୀଙ୍କ ଅବହେଳା**
- **ବସୁନ୍ଧରା ଯୋଜନା ସ୍ୱପ୍ନ**

**ସୋନପୁର,୨୯।୧୨(ମୃତ୍ୟୁଞ୍ଜୟ ଶତପଥୀ)**


ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିନିକା ବ୍ଲକ ମନୋରଞ୍ଜନପୁର ଗ୍ରାମବାସୀ ।

ଭୂମିହୀନ, ଗରିବ ପରିବାରଙ୍କୁ ଘରଡିହ ପଟ୍ଟା ପ୍ରଦାନ ପାଇଁ ସରକାର ବସୁନ୍ଧରା ଭଳି ଯୋଜନା ପ୍ରଣୟନ କରିଛନ୍ତି । ମାତ୍ର ଏହି ଯୋଜନା ସରକାରୀ ଅଧିକାରୀଙ୍କ ଅବହେଳା ପାଇଁ ସୁବର୍ଣ୍ଣପୁର ଜିଲାରେ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି । ବିନିକା ବ୍ଲକ ମହଦା ପଞ୍ଚାୟତର ମନୋରଞ୍ଜନପୁର ଗ୍ରାମବାସୀ ଘରଡିହ ପଟ୍ଟା ପାଇବା ପାଇଁ ପ୍ରଶାସନକୁ ଦୀର୍ଘ ବର୍ଷ ଧରି ଗୁହାରି କରି ଆସୁଛନ୍ତି । ଅନୁସୂଚିତ ଜାତି ବର୍ଗର ଏହି ଗରିବ ପରିବାର ପ୍ରତି ପ୍ରଶାସନ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି । ଘରଡିହ ପଟ୍ଟା ନ ମିଳିଲେ ପ୍ରଶାସନ ବିରୋଧରେ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି ।

୧୯୮୨ ମସିହାରେ ଅଙ୍ଗ ନଦୀରେ ପ୍ରବଳ ବନ୍ୟା ଆସିଥିଲା । ମହଦା ପଞ୍ଚାୟତର ବାବୁପାଲି ଗାଁରେ ବ୍ୟାପକ କ୍ଷତି ହୋଇଥିଲା । ନଦୀକୂଳିଆ ଏହି ଗାଁର ଝାଟିମାଟି ଘର ସବୁ ଭାଙ୍ଗି ଯାଇଥିଲା । ତତ୍କାଳୀନ ବଲାଙ୍ଗୀର ଜିଲାପାଳ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ୧୫ ପରିବାରକୁ ଅଧା କିଲୋମିଟର ଦୂର ମନୋରଞ୍ଜନପୁରରେ ରହିବାକୁ ପରାମର୍ଶ ଦେଇଥିଲେ । ଏପରି କି ମାଟି ଘର ନିର୍ମାଣ ପାଇଁ ସେ ସମୟରେ ଜିଲା ପ୍ରଶାସନ ପକ୍ଷରୁ ୧୫ ହଜାର ଲେଖାଏ ସମ୍ପୃକ୍ତ ପରିବାରଗୁଡିକୁ ସହାୟତା ରାଶି ମିଳିଥିଲା । ସେହିଦିନ ଠାରୁ ଦୀର୍ଘ ୪୧ ବର୍ଷ ଧରି ଗୋଚର କିସମ ଜମିରେ ସେମାନେ ଘର କରି ରହି ଆସୁଛନ୍ତି । ଏହି ପରିବାର ସଂଖ୍ୟା ବଢି ଏବେ ୫୩ରେ ପହଞ୍ଚିଛି । ଅଧିକାଂଶ ପରିବାର ଭୂମିହୀନ ଓ ଦିନ ମଜୁରିଆ । ଅଳ୍ପ କିଛି ପରିବାରର ଚାଷ ଜମି ରହିଛି । ଏଭଳି ସ୍ଥିତିରେ ଘରଡିହ ପଟ୍ଟା ନ ଥିବାରୁ ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନରେ ସାମିଲ ହୋଇ ପାରୁ ନାହାନ୍ତି । ୨୦୧୮ ମସିହାରେ ରାଜସ୍ୱ ବିଭାଗ ପକ୍ଷରୁ ଘରଡିହ ପଟ୍ଟା ପ୍ରଦାନ କରାଯିବ କହି ସମ୍ପୃକ୍ତ ପରିବାରଗୁଡିକ ନିକଟରୁ ଜରିମାନା ଆଦାୟ କରାଯାଇଥିଲା । କିନ୍ତୁ ଏ ପର୍ଯ୍ୟନ୍ତ ପଟ୍ଟା ଦିଆଯାଇନି । ଦୀର୍ଘ ୫ ବର୍ଷ ଧରି ଗ୍ରାମବାସୀ ନିର୍ବାଚିତ ଲୋକ ପ୍ରତିନିଧି, ଜିଲାପାଳଙ୍କ କାର୍ଯ୍ୟାଳୟ, ବିନିକା ତହସିଲ ଅଫିସ ଓ ମହଦା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଦୌଡି ନୟାନ୍ତ ହେଲେଣି । ଶୁକ୍ରବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପିଲା ଛୁଆଙ୍କୁ ଧରି ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ଘରଡିହ ପଟ୍ଟା ନ ମିଳିଲେ ସେମାନେ ଅନଶନ କରିବାକୁ ଚେତାବନୀ ଦେବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲାପାଳ ବିମଳେନ୍ଦୁ ରାୟ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗ୍ରାମବସୀଙ୍କ ପକ୍ଷରୁ ଦୀପାଞ୍ଜଳି ତାଣ୍ଡିଆ, ଝରଣା ତାଣ୍ଡିଆ, ବାସନ୍ତି ମହାନନ୍ଦ, ଅର୍ଜୁନ ଭୋଇନା, ଗଜେନ୍ଦ୍ର ସୁନା, କୁମାର ମହାନନ୍ଦ, ମନୋହର ଦୀପ ଓ ସୁଦାମ ତାଣ୍ଡିଆ ପ୍ରମୁଖ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ ।

### ଦେଓଗାଁ ଡିଗ୍ରୀ କଲେଜକୁ ଉପନିର୍ଦ୍ଦେଶିକାଙ୍କ ପରିଦର୍ଶନ

**ଦେଓଗାଁ,୨୯।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗିର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜକୁ ଶୁକ୍ରବାର ଉଚ୍ଚ ଶିକ୍ଷା ବିଭାଗର ଉପନିର୍ଦ୍ଦେଶିକା ମମତା ପଣ୍ଡା ଅଚାନକ ଭାବେ ପରିଦର୍ଶନ କରିଛନ୍ତି । ସେ ଡିଗ୍ରୀ କଲେଜକୁ ପରିଦର୍ଶନ କରିବାସହ କଲେଜରେ ହୋଇଥିବା ନୂଆ ଓଡିଶା ଯୁବ ଓଡିଶା କାର୍ଯ୍ୟକ୍ରମର ସାମାଜିକ, ସାଂସ୍କୃତିକ ଓ କ୍ରୀଡା ବିଷୟରେ ପଚାରି ବୁଝିଥିଲେ । ପରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଛାତ୍ର ବୃତ୍ତି ଯୋଜନା, ମେଧାବୃତ୍ତି, ପୋଷ୍ଟ ମାଟ୍ରିକ ବୃତ୍ତି ଏବଂ ମାଗଣା ଲାପଟପ ପ୍ରଦାନ ଦିଗରେ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ଓ ପ୍ରାଧ୍ୟାପକ ଡ. ସୁରେଶ କୁମାର ଷଡଙ୍ଗୀଙ୍କ ସହ ଆଲୋଚନା କରି ପଚାରି ବୁଝିଥିଲେ । ଏ ଅବସରରେ କଲେଜରେ ଗୋଟିଏ ଅଡିଟୋରିୟମ ଓ ବାଳିକା ପ୍ରେକ୍ଷାଳୟ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଶ୍ରୀ ଦଧିବାମନଙ୍କୁ ନିମନ୍ତ୍ରଣ


ଶ୍ରୀଦଧିବାମନଙ୍କୁ ନିମନ୍ତ୍ରଣ ପାଇଁ ଆସିଥିବା ସେବାୟତଙ୍କୁ ସ୍ୱାଗତ କରାଯାଉଛି ।

**ବରଗଡ଼,୨୯।୧୨(ପ୍ରେମାନନ୍ଦ ଖମାରୀ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବ ୨୦୨୪ ଜାନୁୟାରୀ ୧୭ରେ ଅନୁଷ୍ଠିତ ହେବ । ଏଥିପାଇଁ ଶ୍ରୀକ୍ଷେତ୍ର ପୁରୀରୁ ବଡ଼ ଠାକୁରଙ୍କ ସେବାୟତମାନେ ଆସି ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର କୁହାଯାଉଥିବା ଭଟଲିର ପ୍ରଭୁ ଶ୍ରୀଦଧିବାମନ ଜୀଉଙ୍କୁ ନିମନ୍ତ୍ରଣ କରିଛନ୍ତି । ସେବାୟତ ବିପିନ ପତ୍ରୀ, ଜୟକୃଷ୍ଣ ମହାପାତ୍ର, ସିକନ ପତ୍ରୀ, ନୋଡ଼ାଲ ଅଧିକାରୀ ସୂର୍ଯ୍ୟନାରାୟଣ ତ୍ରିପାଠୀ ପ୍ରମୁଖ ଭଟଲିରେ ଦଧିବାମନଙ୍କୁ କାଳିଆ ସାଆନ୍ତଙ୍କ ନିମନ୍ତ୍ରଣ ଜଣାଇଛନ୍ତି । ଏହି ଅବସରରେ ବରଗଡ଼ ସର୍କିଟ୍ ହାଉସରେ ସେବାୟତମାନଙ୍କୁ ବରଗଡ଼ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା, ଉପଜିଲାପାଳ କୁମାର ନାଗଭୂଷଣ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ପ୍ରଶାସନ ତରଫରୁ ସ୍ୱାଗତ କରି ଭଟଲି ଛକକୁ ପାଛୋଟି ଆଣିଥିଲେ । ଏହାପରେ ସେବାୟତମାନେ ଭଟଲିରେ ପହଞ୍ଚିଥିଲେ ।

ଭଟଲି ରଥଦାଣ୍ଡରୁ ସଂକୀର୍ତ୍ତନ, ଘଣ୍ଟବାଦ୍ୟ, ଶଙ୍ଖ, ହୁଳହୁଳି ସହିତ ମନ୍ଦିର କମିଟିର କର୍ମକର୍ତ୍ତା, ଜନସାଧାରଣ ସେବାୟତମାନଙ୍କୁ ମନ୍ଦିର ନିକଟକୁ ପାଛୋଟି ନେଇଥିଲେ । ପ୍ରତ୍ୟେକ ଘରଦ୍ୱାରରେ ଦୀପ ଓ ଶୁଭ କଳସ ସ୍ଥାପନ ସହିତ ସେବାୟତମାନଙ୍କୁ ମହିଳାମାନେ ପଦଧୌତ କରି ସ୍ୱାଗତ କରିଥିଲେ । ସେବାୟତମାନେ ମନ୍ଦିରରେ ପ୍ରଭୁ ଦଧିବାମନ ଜୀଉଙ୍କ ଆଳତୀ ପରେ ପୂଜାର୍ଚ୍ଚନା ସହିତ ଭଗବାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ । ଭଟଲି ତହସିଲଦାର ଜି. ରଶ୍ମିରେଖା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭିକ୍ଟର ସୋରେଙ୍ଗ, ଦଧିବାମନ ମନ୍ଦିର କାର୍ଯ୍ୟକର୍ତ୍ତା ଗୌରଚନ୍ଦ୍ର ରଥ, ଈଶ୍ୱର ଚନ୍ଦ୍ର ସାହୁ, ଭିକାରୀ ମେହେର, ନାରାୟଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ପିସି ଅଭିଯୋଗ ଆଣିଲେ ସମିତିସଭ୍ୟା

**ବରଗଡ଼,୨୯।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭେଡ଼େନ ବ୍ଲକରେ ପି.ସି କାରବାର ଚାଲିଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ଉକ୍ତ ବ୍ଲକ ଅନ୍ତର୍ଗତ ଲୁହାଖଣ୍ଡି ପଞ୍ଚାୟତର ସମିତିସଭ୍ୟା ପଙ୍କଜିନୀ ପଶାୟତ ଜିଲାପାଳଙ୍କୁ ଶୁକ୍ରବାର ଫେରାଦ ହୋଇଛନ୍ତି । ସେ ତାଙ୍କ ଅଭିଯୋଗ ନେଇ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ତାଙ୍କ ଅଭିଯୋଗ ଉପର ତଦନ୍ତ ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଧାରଣା ଦେବେ ବୋଲି ସମିତିସଭ୍ୟା ପଶାୟତ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି । ପ୍ରକାଶ ଯେ, ଭେଡ଼େନ ବ୍ଲକ ଲୁହାଖଣ୍ଡି ପଞ୍ଚାୟତରେ ହେଉଥିବା କଂକ୍ରିଟ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ସମିତିସଭ୍ୟା ପଶାୟତ ଗତ ନଭେମ୍ବର ୨୨ତାରିଖରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି । ଏହାସତ୍ତ୍ୱେ ସେ ଦିଗରେ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି । କେବଳ ଲୁହାଖଣ୍ଡି ପଞ୍ଚାୟତ ନୁହେଁ, ଭେଡ଼େନ ବ୍ଲକର ବିଭିନ୍ନ ପ୍ରକଳ୍ପରେ ପି.ସି କାରବାର ଚାଲିଥିବା ଅଭିଯୋଗ କରି ସେ ଏହାର ତଦନ୍ତ ଦାବି କରିଛନ୍ତି ।

### ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ପଦ୍ମପୁର,୨୯।୧୨(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ବରିକେଲ ଲାଲାଜୀ ଗୋପାଳଜୀ ସଂସ୍କୃତ ମହାବିଦ୍ୟାଳୟରେ ଗୁରୁବାର ଯୁବ ବିକାଶ ଓ ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ ମୋଟ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବ୍ଲକ ଅଧ୍ୟକ୍ଷ ଭୋଜରାଜ ସିଂ ବରିହା ସମ୍ମାନିତ ଅତିଥି, ମହେଶ୍ୱର ପୁରୀ ମହାବିଦ୍ୟାଳୟ ସଭାପତି ସୁରେଶ ଚୌହାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଜମଲା ସ୍ୱାସ୍ଥ୍ୟକେନ୍ଦ୍ରର ମନୋରଞ୍ଜନ ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋକପାତ କରିଥିଲେ । ନୋଡାଲ ଅଫିସର ଭାଗୀରଥି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ବନମାଳି ଚୌହାନ, ରମେଶ ଚନ୍ଦ୍ର ପୂଜାରୀ, ଅଜୟ ସାହୁ, ଅଧ୍ୟାପିକା ମନ୍ଦାକିନୀ ପାଢ଼ୀ, ସଂହିତା ବେହେରା, ବିଭୂତି ଗିରି, ସୁକାନ୍ତି ସାହୁ, ଅଭୟ କୁମାର ମହାନ୍ତି, ଫକୀର ମୋହନ ସାହା, ରାଜ କୁମାର ମଲ୍ଲିକ, ବିଜୟ ରଞ୍ଜନ ମେହେରଙ୍କ ସମେତ ଅଭିଭାବକମାନେ ସହଯୋଗ କରିଥିଲେ ।


ଶିବିରରେ ରକ୍ତଦାନ କରାଯାଉଛି ।

## ସମାଜର ଶୃଙ୍ଖଳା ପାଇଁ ନିଷ୍ପତ୍ତି

**ବୌଦ୍ଧ ଜିଲା ଡୁମାଳ ପରିଷଦ ବୈଠକ**

**ବଘିଆପଡା,୨୯।୧୨(ଶ୍ରୀକାନ୍ତ ସାହୁ)**


ବୈଠକରେ ଡୁମାଳ ପରିଷଦର କର୍ମକର୍ତ୍ତା ।

ବୌଦ୍ଧ ଜିଲା ଡୁମାଳ ପରିଷଦର ବୈଠକ ଜିଲା ସଭାପତି ସୀତାଂଶୁ ମହାକୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୂର୍ବତନ ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ସୁଧୀର କୁମାର କର୍ଣ୍ଣ, ପୂର୍ବତନ ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ମହାକୁଡ, ରାଜ୍ୟ ଉପସଭାପତି ସୁଦାମ ଖମାରୀ ଯୋଗ ଦେଇଥିଲେ । ସମାଜର ଶୃଙ୍ଖଳା ଓ ଏକତ୍ରିକରଣ, ବାଲ୍ୟବିବାହ ନିରାକରଣ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପୂର୍ବରୁ ପ୍ରଚଳିତ ସାଙ୍ଗଠନିକ ସୂଚନା ଓ ସାମାଜିକ ନିୟମାବଳୀକୁ ସଂଶୋଧନ କରିବା ପାଇଁ ସମସ୍ତ କେନ୍ଦ୍ରର ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଆସନ୍ତା ଫେବୃୟାରୀ ୧୦ ଓ ୧୧ ତାରିଖ ଦୁଇ ଦିନ ଧରି ଜିଲାସ୍ତରୀୟ ମହାସଭା କରିବାକୁ ସ୍ଥିର କରାଗଲା । କେନ୍ଦ୍ରଗୁଡିକର ସଭ୍ୟ ସଂଖ୍ୟା, ପରିବାର ସର୍ଭେ କରି ଦେବା ପାଇଁ ଅନୁରୋଧ କରା ଯାଇଥିଲା । ମହାସଭା ନେଇ ଏକ ପ୍ରସ୍ତୁତି ବୈଠକ ଆସନ୍ତା ୭ ତାରିଖରେ ବୌଦ୍ଧ ଜଗନ୍ନାଥ ମନ୍ଦିରରେ ହେବାକୁ ସ୍ଥିର କରାଯାଇଛି । ଜିଲା ସମ୍ପାଦକ କାହ୍ନୁଚରଣ ମେସୁଆ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ୨୦ ଗୋଟି କେନ୍ଦ୍ରର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

### ଗୁରୁକୁଳ ହରିପୁର ଆଶ୍ରମର ବାର୍ଷିକ ମହୋତ୍ସବ ଉଦ୍‌ଘାଟିତ

**ନୂଆପଡ଼ା,୨୯।୧୨(ମକାରୁ ବେମାଲ)**

ନୂଆପଡା ସଦର ବ୍ଲକ ଗୋଡ଼ଫୁଲା ପଞ୍ଚାୟତ ଗୁରୁକୁଳ ଆଶ୍ରମ ହରିପୁର ଯୁନାନିଠାରେ ଶୁକ୍ରବାର ତ୍ରିଦିବସୀୟ ୧୪ତମ ବାର୍ଷିକ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଆଚାର୍ଯ୍ୟ ସ୍ୱାମୀ ଡା.ସୁଦର୍ଶନ ଜୀ ଦେବଚାର୍ଯ୍ୟାଙ୍କ ଅଧ୍ୟକ୍ଷତାରେ ଗୁଜୁରାଟରୁ ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ଉତ୍ତରପ୍ରଦେଶରୁ ଜ୍ୱଳନ୍ତ କୁମାର ଶାସ୍ତ୍ରୀ, ବରଗଡ଼ ଜିଲାରୁ ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ଗଞ୍ଜାମ ଜିଲାରୁ ଆଚାର୍ଯ୍ୟ ବାମଦେବ ଜୀ, ଆଚାର୍ଯ୍ୟ ଦିଲୀପ କୁମାର ଜିଜ୍ଞାସୁ ପ୍ରମୁଖ ମଞ୍ଚାସୀନ ଥିଲେ । ଶାସ୍ତ୍ରରୁ ଶସ୍ତ୍ର ବିଦ୍ୟା ପର୍ଯ୍ୟନ୍ତ, ଲୋକ ପ୍ରଚଳିତ ଭାଷାରେ କହିଲେ ସମସ୍ତ ବିଦ୍ୟାରେ ପାରଙ୍ଗମ ଗୁରୁକୁଳ ହରିପୁରର ବ୍ରହ୍ମଚାରୀମାନେ ଭବିଷ୍ୟତ ରାଷ୍ଟ୍ରର ଏକ ଏକ ଶକ୍ତ ସ୍ତମ୍ଭ ପ୍ରତିପାଦିତ ହେବେ, ଏଥିରେ ସନ୍ଦେହ ନାହିଁ ବୋଲି ଅତିଥିଗଣ କହିଛନ୍ତି । ବାର୍ଷିକ ଉତ୍ସବରେ ବିଦ୍ୟାଳୟର ସମସ୍ତ ଗୁରୁଜନ ଓ ବ୍ରମହାଚାରୀ ଉପସ୍ଥିତ ଥିଲେ ।

### ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

**ଉଲୁଣ୍ଡା,୨୯।୧୨( ଉରୁକ୍ରମ ପାଣ୍ଡିଆ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ଶୁକ୍ରବାର ବିରାଟ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଗ୍ରାମୀଣ ବିକାଶ କ୍ରିୟାନୁଷ୍ଠାନ କମିଟି ସଭାପତି ଋଷି ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ମହୋତ୍ସବକୁ ବରଗଡ଼ ବିଶ୍ୱ ମଞ୍ଚର କଂସ ହୃଷୀକେଶ ଭୋଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଫିତା କାଟି ଉଦ୍‌ଘାଟନ କରିଥିଲେ । ବକ୍ତା ଭାବରେ ଐତିହାସିକ ସୁଦାମ ଚରଣ ନାୟକ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ । ନିରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ଉରୁକ୍ରମ ପାଣ୍ଡିଆ ଧନ୍ୟବାଦ ଦେଇଥିଲେ । ସନ୍ଧ୍ୟା ସମୟରେ ଗୋପପୁର ମଣ୍ଡପକୁ ଗୋପାଳ ପଣ୍ଡା ଉଦ୍‌ଘାଟନ କରିଥିଲେ । କଂସ ଦରବାରରେ ଆଞ୍ଚଳିକ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହାସହିତ ପୌରାଣିକ କଥାବସ୍ତୁର ଉଗ୍ରସେନଙ୍କ ମଥୁରା ପ୍ରଜା ପାଳନ, ଯୁବରାଜ କଂସଙ୍କ ଦିଗ୍ ବିଜୟ ମଞ୍ଚସ୍ଥ ହୋଇଥିଲା । ମାତା ଇନ୍ଦୁମତିଙ୍କ ସତୀତ୍ୱ ହରଣ କରିଥିବା ଦ୍ରୁମିଳାଶୁରକୁ ଯୁବରାଜ କଂସ ବଧ କରିଥିଲା । ଏହାସହିତ ଲୋଇସିଂହାର ଶଙ୍କର ଦୁଲଦୁଲି ଗ୍ରୁପ ଏବଂ କଳାହାଣ୍ଡିର ଘୁମୁରା ରାଜ ଦରବାରରେ ପରିବେଷଣ କରାଯାଇଥିଲା ।


ମହୋତ୍ସବ ଉଦ୍‌ଘାଟନ ଅବସରରେ ଅତିଥି ।

## ଏନ୍‌ଏନ୍‌ଏସ୍ କ୍ରିକେଟ ଏକାଡେମୀ ଆଲ୍ଲାହାବାଦ ଚାମ୍ପିୟନ

**୨୭ ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍**

- ଏମଡି ଉମର ମ୍ୟାନ ଅଫ ଦି ମ୍ୟାଚ୍
- ନୀତିଶ ୱାଣିକଲ୍ୟା ମ୍ୟାନ୍ ଅଫ୍ ଦି ସିରିଜ୍

**ଅମରପାଲି,୨୯।୧୨( ପୀତାମ୍ବର ସାହୁ)**


ଚାମ୍ପିୟନ ଆଲ୍ଲାହାବାଦ ଦଳକୁ ପୁରସ୍କୃତ କରାଯାଉଛି ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କଠାରେ ହେଉଥିବା ୨୭ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ଫାଇନାଲରେ ଗୁଲବର୍ଗା ସିଟି -୧୧ କର୍ନାଟକକୁ ହରାଇ ଏନଏନଏସ କ୍ରିକେଟ ଏକାଡେମୀ ଆଲ୍ଲାହାବାଦ ଚାମ୍ପିୟନ ହୋଇଛି । ମ୍ୟାଚଟି ଦୁଇଟି ଫର୍ମାଟରେ ହୋଇଥିଲା । ଆଲ୍ଲାହାବାଦ ଦଳ ପ୍ରଥମ ଫର୍ମାଟରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୭୯ ରନ କରିଥିଲା । ଦଳର ଏମଡି ଉମର ୫୪ ଓ ରୁଦ୍ର ପ୍ରତାପ ୫୧ ରନ କରିଥିଲେ । ବିପକ୍ଷ ର ନୀତିଶ ୱାଣିକଲ୍ୟା ଓ ନିହାଲ ସେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ । ଜବାବରେ କର୍ନାଟକ ଦଳ ୧୫.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ ରନ କରିଥିଲା । ଦଳର ସନ୍ତୋଷ ହାଟି ୨୭ ଓ ମହେଶ ରେଡ୍ଡୀ ୨୫ ରନ କରିଥିଲେ । ବିପକ୍ଷ ଏମଡି ଉମର ୩ ଓ ସୌରଭ ଶୁକ୍ଳା ୨ଟି ଉଇକେଟ ନେଇଥିଲେ । ଦ୍ୱିତୀୟ ଫର୍ମାଟରେ ଆଲ୍ଲାହାବାଦ ୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୬୯ ରନ କରିଥିଲା । ଦଳର ବିପିନ ତ୍ରିପାଠୀ ୩୩ ରନ କରିଥିଲେ । ବିପକ୍ଷ ନିହାଲ ସେକ ୫ ଉଇକେଟ ନେଇଥିଲେ । ଜବାବରେ କର୍ନାଟକ ଦଳ ୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୬୮ରନ କରିଥିଲା । ଦଳର ଅଭିଷେକ କୁମାର ୩୩ ରନ କରିଥିଲେ । ବିପକ୍ଷ ଶୁଭମ ମିଶ୍ର ୨ ଟି ଉଇକେଟ ନେଇଥିଲେ । ଉଭୟ ଫର୍ମାଟରେ ବିଜୟୀ ହୋଇ ଆଲ୍ଲାହାବାଦ ଦଳ ଚାମ୍ପିୟନ ହୋଇଥିଲା । ଆୟୋଜକ ସଭାପତି ସୁଶିଲ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବକୁ ପ୍ରାଣବନ୍ଧୁ ସାହୁ ସଂଯୋଜନା କରିଥିଲେ । ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟଅତିଥି ଏବଂ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ରଘୁନାଥ ଜଗଦଲା, ଗ୍ରାମ୍ୟ କମିଟି ସଭାପତି ବିଭୀଷଣ ବାରିକ, ଜୟଶ୍ରୀ କୁବିଲି ବାଘ, ରମଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଆଲ୍ଲାହାବାଦର ଏମଡି ଉମରଙ୍କୁ ମ୍ୟାନ ଅଫ ଦି ମ୍ୟାଚ, କର୍ନାଟକର ନୀତିଶ ୱାଣିକଲ୍ୟାଙ୍କୁ ମ୍ୟାନ ଅଫ ଦି ସିରିଜ, ନିହାଲ ସେକ ଙ୍କୁ ଶ୍ରେଷ୍ଠ ବୋଲର, ନିଶାନ୍ତ ସିଂଙ୍କୁ ଶ୍ରେଷ୍ଠ ବ୍ୟାଟର ଭାବେ ପୁରସ୍କୃତ କରାଯାଇଥିଲା । ଫାଇନାଲ ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଚୂଡ଼ାମଣି ପାଢ଼ୀ ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିଲେ । ବାଙ୍କା ବିହାରୀ ମହକୁର ସ୍କୋରର, ଚମାରୁ ମହାକୁର ଅନ୍‌ଲାଇନ ସ୍କୋରର ଏବଂ ଆଶିଷ ଦେଓ, ମ୍ୟାକମିଲନ ମହାକୁର, ପୀତାମ୍ବର ସାହୁ ଓ ପ୍ରାଣବନ୍ଧୁ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ସ୍ମାର୍ଟସିଟିରେ ବେଆଇନ ଖଟାଲ

- ସୃଷ୍ଟି ହେଉଛି ଅସ୍ୱାସ୍ଥ୍ୟକର ପରିବେଶ
- ବିସ୍ତାର କରୁଛି ମଶା, ମାଛି ବଂଶ

ରାଉରକେଲା,୨୯।୧୨(ଦିନେଶ ମିଶ୍ର)

ସ୍ମାର୍ଟସିଟି ରାଉରକେଲା ସହରର ଜନବସତି ଭିତରେ ବହୁ ଖଟାଲ (ଗୋରୁ ଗୁହାଳ) ରହିଛି। ଏହି ଖଟାଲଗୁଡିକ ସହର ଭିତରେ ବେଆଇନ ଭାବେ ଗଢିଉଠିଛି। ଫଳରେ ବିଭିନ୍ନ ସମୟରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବାରୁ ସହରବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସହରର ବାସନ୍ତୀ କଲୋନି, ପାନପୋଷ, ଟିମ୍ବରକଲୋନୀ, ସେକ୍ଟର-୨୦ ସ୍ଥିତ ମିଶ୍ର ଖଟାଲ, ଓରାମପଡା, ଶୀତଳପଡା, ମାଲଗୋଦାମ, ଛେଣ୍ଡ, ଡେଲିମାର୍କେଟ, ପ୍ଲାଣ୍ଟସାଇଟ ସ୍ଥିତ ଜନତାନିବାସ ଗଳି, ଝରଣାବସ୍ତି ଆଦି ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଏଭଳି ଦେଖିବାକୁ ମିଳିଛି।

ସେହିପରି ଖଟାଲଗୁଡିକରୁ ବାହାରୁଥିବା ବର୍ଜ୍ୟ ଉକ୍ତ ସ୍ଥାନରେ ମାସ ମାସ ଧରି ଜମି ରହୁଥିବାରୁ ତାହା ସହରବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଏହି ବର୍ଜ୍ୟ ସ୍ଥାନାନ୍ତର ହେଉନାହିଁ। ଏଗୁଡିକ ଜନସାଧାରଣ ବ୍ୟବହାର କରୁଥିବା ଡ୍ରେନ ଓ ରାସ୍ତାରେ ଜମି ରହୁଛି। ଖଟାଲରେ ରହୁଥିବା ଗାଈ ଓ ମଇଁଷିଙ୍କ ମଳ, ମୂତ୍ର ନାଳପାଣିରେ ମିଶୁଥିବାରୁ ସେଠାରେ ମଶା, ମାଛି ବଂଶ ବିସ୍ତାର କରୁଛି। ଏହା ବିଭିନ୍ନ ସମୟରେ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗର ବାହକ ସାଜୁଛି। ସହରରେ ଥିବା ଏକାଧିକ ଖଟାଲ ଆରଏମ୍‌ସିର ଖୋଲା ପଡିଥିବା ସ୍ଥାନ ଓ ଆର୍‌ଏସ୍‌ପି ଜମି ଉପରେ ବେଆଇନ ଭାବେ ଗଢି ଉଠୁଛି। ବିଶେଷ କରି ବିହାର ସମ୍ପ୍ରଦାୟର ଲୋକମାନେ ଖୁଲମଖୁଲା ସହରରେ ଖଟାଲ ତିଆରି କରି ସେଥିରେ ଗାଈ, ମଇଁଷି ରଖି କ୍ଷୀର ବ୍ୟବସାୟ କରୁଛନ୍ତି। ଏହି ଖଟାଲ ମାଲିକମାନେ ଦିନବେଳା ଗାଈ, ମଇଁଷିକୁ ରାସ୍ତାରେ ଖୁଲମଖୁଲା ଛାଡି ଦେଉଛନ୍ତି। ଏଥିଯୋଗୁ ଯାତାୟାତରେ ଅସୁବିଧା ସାଙ୍ଗକୁ ଦୁର୍ଘଟଣାମାନ ଘଟୁଛି।

ସେହିପରି ଖଟାଲଗୁଡିକର ବର୍ଜ୍ୟକୁ ନିକଟସ୍ଥ ଜନବସତି ଅଞ୍ଚଳରେ ପକାଯାଉଛି। ଫଳରେ ଉକ୍ତ ଅଞ୍ଚଳର ନାଳଗୁଡିକ ପୋତି ହୋଇଯାଉଛି। ସ୍ମାର୍ଟସିଟିର ୫ଶହ ମିଟର ଦୂର ଅଞ୍ଚଳ ଭିତରେ କୌଣସି ବସ୍ତି ନ ରହିବା ପାଇଁ ନିୟମ ଥିବାବେଳେ ଏଭଳି ବେଆଇନ ଖଟାଲକୁ ନେଇ ଚର୍ଚ୍ଚା ହେଉଛି। ଏଭଳି ବେଆଇନ ଖଟାଲକୁ ତୁରନ୍ତ ସ୍ଥାନାନ୍ତର ପାଇଁ ଆରଏମ୍‌ସି କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ଦାବି ହୋଇଛି। ଏ ନେଇ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ସହରର ଉନ୍ନତୀକରଣ ଭିତରେ ବିଭିନ୍ନ ସ୍ଥାନରେ ବେଆଇନ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ବାସନ୍ତୀ କଲୋନି ସ୍ଥିତ ଡିଏଭି ଖଟାଲକୁ ୬ ମାସ ତଳେ ଉଚ୍ଛେଦ କରାଯାଇଛି। ବର୍ତ୍ତମାନ ସହରରେ କେତେ ବେଆଇନ ଖଟାଲ ରହିଛି ତାର ତଦନ୍ତ ସରିବା ପରେ ଆଗାମୀ ଦିନରେ ଏ ନେଇ କଡ଼ା ପଦକ୍ଷେପ ନିଆଯିବ ବୋଲି ଭୋଇ କହିଥିଲେ ।


ରାଉରକେଲା ସହର ଭିତରେ ଥିବା ବେଆଇନ ଖଟାଲରେ ଗୋରୁ ରହିଛନ୍ତି।

## ସଂକ୍ଷେପରେ

### କୁଆଁରମୁଣ୍ଡାରେ ଗ୍ୟାସ୍ ସିଲିଣ୍ଡର କଳାବଜାର

କୁଆଁରମୁଣ୍ଡା,୨୯।୧୨(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ ଜିଲ୍ଲା କୁଆଁରମୁଣ୍ଡାରେ ଘରୋଇ ଗ୍ୟାସ ସିଲିଣ୍ଡର କଳାବଜାରୀ ହେଉଛି। ଶୁକ୍ରବାର ରାଉରକେଲାରୁ କୁଆଁରମୁଣ୍ଡା ଅଞ୍ଚଳକୁ ୪ରୁ ଊର୍ଦ୍ଧ୍ୱ ଗ୍ୟାସ ବୋଝେଇ ଗାଡ଼ି ଆସି କେତେକ ଦୋକାନରେ ବିକ୍ରି ହେଉଥିବା ଉକ୍ତ ଅଞ୍ଚଳର କୁନା ବିଶ୍ୱାଳ, ତନୁ ମହାନ୍ତ ଓ ସନ୍ତୋଷ ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ବ୍ଲକ ଯୋଗାଣ ଅଧିକାରୀ ମୋହିତ ଭୋଇଙ୍କୁ ପଚାରିବାରୁ , ଘରୋଇ ବିତରଣ ଗ୍ୟାସ ସିଲିଣ୍ଡର ବଜାରରେ ବିକ୍ରି କରାଯିବାର ନିୟମ ନାହିଁ। ଘଟଣା ବିଷୟରେ ଅନୁସନ୍ଧାନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ଯୋଗାଣ ଅଧିକାରୀ ଭୋଇ କହିଛନ୍ତି। ସୂଚନା ଥାଉକି, ଘରୋଇ ବିତରଣ ପାଇଁ ଉର୍ଦ୍ଦିଷ୍ଟ ସିଲିଣ୍ଡର ମୂଲ୍ୟ ୯୬୨ ଟଙ୍କା ଥିଲା ବେଳେ କୁଆଁରମୁଣ୍ଡା ଅଞ୍ଚଳରେ ଏହାକୁ ୧୨ ଶହ ଟଙ୍କାରୁ ଊର୍ଦ୍ଧ୍ୱମୂଲ୍ୟରେ ବିକ୍ରି କରାଯାଉଛି।

### ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ଛାତ୍ରୀଙ୍କ ସଫଳତା

ସୁନ୍ଦରଗଡ,୨୯।୧୨(ଜୟ ନାରାୟଣ ମେଣ୍ଟୁଲି): ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ନବମ ଶ୍ରେଣୀ



ଛାତ୍ରୀ ବିଦ୍ୟା ନାୟକ ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମ୍‌ରେ ହେବାକୁ ଥିବା ସର୍ବ ଭାରତୀୟ ସ୍ତରରେ ବିଦ୍ୟାଳୟ କ୍ରୀଡା ୧୭ବର୍ଷରୁ କମ ବାଳିକା କୁସ୍ତି ଯୁଦ୍ଧରେ ଭାଗ ନେବାକୁ ଚୟନ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି। ବିଦ୍ୟାଙ୍କୁ ବିଦ୍ୟାଳୟର ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ଅଧକ୍ଷା ହରିପ୍ରିୟା ପଟେଲ, କ୍ରୀଡା ଶିକ୍ଷକ ସନ୍ତୋଷ ମହନ୍ତ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଥିଲେ।

### ବାଇକ୍‌କୁ ପିଟିଲା ବାଇକ୍, ବୃଦ୍ଧା ମୃତ

ସରଣ୍ଡା,୨୯।୧୨(ଯୁଧିଷ୍ଠିର ମହାପାତ୍ର): ବରଗଡ ଜିଲ୍ଲା ଅତାବିରା ଥାନା ଅଧୀନ ସରଣ୍ଡା ଛକରେ ଶୁକ୍ରବାର ଗୋଟିଏ ବାଇକ୍‌କୁ ଅନ୍ୟ ଏକ ବାଇକ୍ ଧକ୍କା ଦେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁଭାଷିନୀ ଭୋଇ (୬୩) ଏବଂ ତାଙ୍କ ଘର ଅତାବିରା ଥାନା ଲାରାସରା ଗ୍ରାମପଞ୍ଚାୟତର ଖଇରପାଲି ପୁଆଳପୁଡ଼ାରେ ବୋଲି ଜଣାପଡିଛି। ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ନ ୩ଟା ସମୟରେ ପୁଆଳପୁଡ଼ା ଗ୍ରାମର ସୁବାଷିନୀ ଓରଫ ଦ୍ରୌପଦୀ ଓ ତାଙ୍କ ପୁଅ ଜୟପ୍ରକାଶ ଭୋଇ ଏକ ବାଇକ୍ (ନଂ.ଓଆର୧୭ଜି/୫୭୬୮) ଯୋଗେ ସରଣ୍ଡା ଯିବାକୁ ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରୁଥିଲେ। ଏହି ସମୟରେ ଅନ୍ୟ ଏକ ବାଇକ୍ (ନଂ.ସିଜି୦୬ଜିପି/୧୭୫୭) ଦ୍ରୁତଗତିରେ ଆସି ମା' ପୁଅଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସୁବାଷିନୀଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଅତାବିରା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ଭିଏସ୍‌ଏସ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟଇଥିବା ବାଇକ ଚାଳକଙ୍କୁ ଅତାବିରା ଡାକ୍ତରଖାନାରେ ଚିକିତ୍ସା କରାଯାଇଛି।

## ମ୍ୟୁନିସିପାଲ କଲେଜର ଆଲୁମନି ଆସୋସିଏଶନ ବୈଠକ

ରାଉରକେଲା,୨୯।୧୨(ଦିନେଶ ମିଶ୍ର)

ରାଉରକେଲା ମ୍ୟୁନିସିପାଲ କଲେଜର ଆଲୁମନି ଆସୋସିଏଶନ ପକ୍ଷରୁ କଲେଜ ପରିସରରେ ଶୁକ୍ରବାର ଅଧକ୍ଷ ଡକ୍ଟର ଅଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଲେଜର ଉନ୍ନୟନ କାର୍ଯ୍ୟଧାରାକୁ କିଭଳି ଆଗାମୀ ଦିନରେ ଜାରି ରଖାଯିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ କଲେଜ ପରିସରରେ ଆଲୁମିନି ଆସୋସିଏଶନ କାର୍ଯ୍ୟାଳୟ ପାଇଁ ଏକ କୋଠରି ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା। ମୋ କଲେଜ ଯୋଜନାରେ ସରକାରଙ୍କ ପକ୍ଷରୁ କଲେଜକୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦିଆଯାଇଥିବା ଅଧ୍ୟକ୍ଷ ଡକ୍ଟର ମିଶ୍ର ପ୍ରକାଶ କରିଥିଲେ। ଏଥିରେ ଆଲୁମିନି ଆସୋସିଏଶନ ସଭାପତି ସୁନୀଲ କୟାଲ, ପ୍ରକାଶ କୁମାର କର, ୟୁ. କେ. ବେହେରା, କ୍ୟାପଟେନ ଏସ୍.ଏନ୍. ରାଉତ, ବିନୋଦ ବେକ୍, ଡି. ଆର ମହାନ୍ତି, ଦିଲୀପ ଶର୍ମା, ରାଜଲକ୍ଷ୍ମୀ ଦାସ, ଅଜୟ ପ୍ରଧାନ, ପ୍ରିୟଙ୍କା ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ଭୋପାଳ ଚନ୍ଦ୍ର ପଟେଲ ମେମୋରିଆଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା

ସୁନ୍ଦରଗଡ,୨୯।୧୨(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ଜିଲ୍ଲା ଟାଙ୍ଗରପାଲି ବ୍ଲକ ମୁଣ୍ଡାଗାଁ ଜୟ ଦୁର୍ଗା କ୍ଲବ ଆନୁକୂଲ୍ୟରେ ୨ଦିନିଆ ଅଷ୍ଟମ ଭୋପାଳ ଚନ୍ଦ୍ର ପଟେଲ ମେମୋରିଆଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୪୮ ଖେଳାଳି ନାମ ପଞ୍ଜୀକରଣ କରିବାପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସ୍ୱର୍ଗତ ଭୋପାଳ ଚନ୍ଦ୍ର ପଟେଲଙ୍କ ସ୍ତ୍ରୀ ସ୍ୱର୍ଣ୍ଣକାନ୍ତି ପଟେଲ ଖେଳର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ ସୁବର୍ଣ୍ଣପୁର ଜିଲ୍ଲାର ଆଦିତ୍ୟ ଯୋଡି ଚମତ୍କାର ଖେଳ ପ୍ରଦର୍ଶନ କରି ୩୧/୨୬ ପଏଣ୍ଟରେ ଝାରସୁଗୁଡା ଜିଲ୍ଲାର ଅଭିରାଜ ଯୋଡିଙ୍କ ଠାରୁ ବିଜୟୀ ହୋଇଥିଲା। ରେଫରୀ ମହମ୍ମଦ ମମତାଜ ଖେଳ ପରିଚାଳନା କରିଥିଲେ। କଲ୍ୟାଣ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ସୁରୁଖୁରୁରେ ଚାଲିଥିଲା। କ୍ଲବର ପ୍ରମୋଦ ପଟେଲ, ବେଗଲାଲ ପଟେଲ, ନିଖିଲ ପଟେଲ, ଅରୁଣ ପଟେଲ, ଅଜୟ ପଟେଲ, ପ୍ରଦୀପ୍ତ ପଟେଲ, ସଂଗ୍ରାମ ପଟେଲ, ସୁଜିତ ନାଏକ, ଅକ୍ଷୟ ପଟେଲ, ମନୋଜ ପଟେଲ, ଆଶିଷ ପଟେଲ, ସୌରଭ ପଟେଲ ପ୍ରମୁଖ ସହଯୋଗ କରିଥିଲେ।


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ବୌଦ୍ଧର ରୋଶନି ଟ୍ରେଡର୍ସ ଉପରେ ଜିଏସ୍‌ଟି ଚଢ଼ାଉ

ବୌଦ୍ଧ,୨୯।୧୨( ଅଜିତ କୁମାର ବାରିକ)

ବୌଦ୍ଧ ସହରର ପୋଡ଼ାପୋଡ଼ାଠାରେ ଥିବା ରୋଶନି ଟ୍ରେଡର୍ସ ଉପରେ ଶୁକ୍ରବାର ଦିନ ଜିଏସଟି ଚଢାଉ ହୋଇଥିବା ଜଣାପଡିଛି । ସମ୍ବଲପୁର ସିଟି ଜିଏସ୍‌ଟି ପକ୍ଷରୁ ଏକ ୬ ଜଣିଆ ଟିମ୍ ଆସି ବ୍ୟବସାୟୀ କୁଶ ଅଗ୍ରୱାଲାଙ୍କ ବାସଭବନ, ଦୋକାନ ଓ ଗୋଦାମରେ ଏକକାଳୀନ ଚଢାଉ ଜାରି ରଖିଛନ୍ତି। ଚଢାଉ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବୌଦ୍ଧ ପୋଲିସ ମୁତୟନ ହୋଇଛନ୍ତି । କର୍ମଚାରୀ ମାନେ ବ୍ୟବସାୟୀଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଯାଞ୍ଚ ଚାଲିଥିବାରୁ ଅଧିକାରୀମାନେ କୌଣସି ସୂଚନା ଦେଇନାହାନ୍ତି ।

## ଶିବିରରେ ୧୦୬ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଉରକେଲା,୨୯।୧୨(ଦିନେଶ ମିଶ୍ର)

ସେକ୍ଟର-୧୭ ସ୍ଥିତ ହୋମ୍ ଓ ହୋପ୍ ପରିସରରେ ଆର୍‌ଏସ୍‌ପି ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ ମିତ୍ର ଯୋଗଦେଇ ଶିବିର ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଶିବିରରେ ସେକ୍ଟର-୭ ସ୍ଥିତ ରାଉରକେଲା ବିଦ୍ୟାଳୟ, ଫର୍ଟିଲାଇଜର ସ୍ଥିତ ଆଶା ବିଦ୍ୟାଳୟ ଓ ଲାଠିକଟା ସ୍ଥିତ ରାଧାକୃଷ୍ଣ ଦୃଷ୍ଟିହୀନ ବିଦ୍ୟାଳୟ ପକ୍ଷରୁ ୧୦୬ ଜଣ ପିଲାଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଣ ହୋଇଥିଲା। ଏହି ଶିବିରକୁ ଇସ୍ପାତ ଜେନେରାଲ ହସ୍ପିଟାଲର ଶିଶୁ ନିଦାନ ବିଭାଗ, ଇଏନ୍‌ଟି ଓ ଜେନେରାଲ ମେଡିସିନ ବିଭାଗର ଡାକ୍ତରଙ୍କ ଟିମ୍ ପରିଚାଳନା କରିଥିଲେ। ଶିବିରରେ ପିଲାମାନଙ୍କ ସ୍ୱାସ୍ଥ୍ୟ, ଦନ୍ତ, ଚିକିତ୍ସା, ଆଖି, କାନ ପରୀକ୍ଷା କରାଯାଇଥିଲା। ସିଏସ୍‌ଆର ବିଭାଗର ଏଜିଏମ୍ ଏ.ଏନ୍ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ଆନ୍ତର୍ଜାତିକ ସବୁଜ ସେବା ସମ୍ମାନରେ ଝୁରିମାଲ ବନ ସୁରକ୍ଷା ସମିତି ସମ୍ମାନିତ



ଝୁରିମାଲ ବନ ସୁରକ୍ଷା ସମିତର ଜଣେ ସଦସ୍ୟଙ୍କୁ ସମ୍ମାନିତ କରାଯାଉଛି।

ସୁନ୍ଦରଗଡ,୨୯।୧୨(ଜୟ ନାରାୟଣ ମେଣ୍ଟୁଲି)

**ଅଭିନବ କାର୍ଯ୍ୟ କରି ଦୃଷ୍ଟାନ୍ତ ସୃଷ୍ଟି କରିଛି ଝୁରିମାଲ ବନ ସୁରକ୍ଷା ସମିତି**

ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳର ଝୁରିମାଲ ବନ ସୁରକ୍ଷା ସମିତିକୁ ମିଳିଛି ଆନ୍ତର୍ଜାତିକ ସବୁଜ ସେବା ସମ୍ମାନ ପୁରସ୍କାର। ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ନୂତନ ଜଙ୍ଗଲ ସୃଷ୍ଟି, ଜୈବବିବିଧତା ସଂରକ୍ଷଣ, ବହୁବିଧ ଆୟଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା ସହିତ ଅନେକ ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ଦୃଷ୍ଟାନ୍ତ ସୃଷ୍ଟି କରିଥିବାରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୁଦୂର ଆମେରିକାର ଟେକ୍ସାସର ହଷ୍ଟନ ସହରର ପ୍ରବାସୀ ଭାରତୀୟଙ୍କ ସଙ୍ଗଠନ ଓଡିଶା କଲଚର ସେଣ୍ଟର ତରଫରୁ ଏହି ମର୍ଯ୍ୟଦାପୂର୍ଣ୍ଣ ସମ୍ମାନ ପ୍ରଦାନ କରାଯାଇଛି। ଆମେରିକାରୁ ଆସିଥିବା ଏହାର ମାନପତ୍ର ଓ ଟ୍ରଫିକୁ ସୁନ୍ଦରଗଡ ବନଖଣ୍ଡର ସହକାରୀ ମୁଖ୍ୟ ବନ ସଂରକ୍ଷକ ମାନସ କୁମାର ମୁର୍ମୁ ଏକ ସ୍ୱତନ୍ତ୍ର ଉତ୍ସବରେ ଝୁରିମାଲ ବନ ସୁରକ୍ଷା ସମିତିକୁ ପ୍ରଦାନ କରିଛନ୍ତି। ପୂର୍ବରୁ ପ୍ରକୃତି ମିତ୍ର, ସବ୍‌ଡିଭିଜନ ଓ ରାଜ୍ୟ ସ୍ତରୀୟ ସର୍ବଶ୍ରେଷ୍ଠ ବନ ସୁରକ୍ଷା ସମିତିର ପୁରସ୍କାର ପାଇଥିବା ଝୁରିମାଲ ବନ ସୁରକ୍ଷା ସମିତର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ବେଳେ ସୁନ୍ଦରଗଡ ବନଖଣ୍ଡ, ଉଜ୍ଜଳପୁର ବନାଞ୍ଚଳ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ନିରନ୍ତର ସହଯୋଗ ପାଇଁ ଏହି ସଫଳତା ହାସଲ କରୁପାରିଛୁ ବୋଲି ସମିତିର ବରିଷ୍ଠ ସଭ୍ୟ ଦିଲ୍ଲୀପ ପଟେଲ କହିଛନ୍ତି।

> “ସୁନ୍ଦରଗଡ ବନଖଣ୍ଡର ଝୁରିମାଲ ବନ ସୁରକ୍ଷା ସମିତିକୁ ଜଙ୍ଗଲ ଓ ପରିବେଶ ସୁରକ୍ଷା ଦିଗରେ ଉତ୍କୃଷ୍ଟ କାର୍ଯ୍ୟ ନିମନ୍ତେ ଆମେରିକା ସ୍ଥିତ ଓଡିଶା କଲଚର ସେଣ୍ଟର ସବୁଜ ସେବା ସମ୍ମାନ ପୁରସ୍କାରରେ ସମ୍ମାନିତ କରିବା ଅତ୍ୟନ୍ତ ଖୁସି ତଥା ଗୌରବର କଥା। ତୃଣମୂଳ ସ୍ତରର ସଂଗଠନ ତଥା କୌଣସି ବନ ସୁରକ୍ଷା ସମିତିକୁ ଏକ ଆନ୍ତର୍ଜାତିକ ସମ୍ମାନ ମିଳିବା ବୋଧହୁଏ ରାଜ୍ୟରେ ପ୍ରଥମ ଉପଲବ୍ଧି।
> **-ଡ. ଅରୁଣ କୁମାର ମିଶ୍ର (ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ରାଉରକେଲା)**

> “ସୁନ୍ଦରଗଡ ବନଖଣ୍ଡର ଝୁରିମାଲ ବନ ସୁରକ୍ଷା ସମିତିକୁ ଆନ୍ତର୍ଜାତିକେ ସବୁଜ ସେବା ସମ୍ମାନ ମିଳିବା ଏକ ଗର୍ବ ଓ ଗୌରବର ବିଷୟ। ମୁଁନିଜେ ଗାଁର ସାମୂହିକ ନୂଆଁଖାଇରେ ସାମିଲ ହୋଇ ହୃଦୟଙ୍ଗମ କରିଛି ଯେ ଗାଁ ର ଏକତା ଓ ସହଭାଗିତା ଅତୁଳନୀୟ। ଝୁରିମାଲ ବନ ସୁରକ୍ଷା ସମିତିର ସମସ୍ତ ସଭ୍ୟାସଭ୍ୟଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ମୋର ଆଶା ଓ ବିଶ୍ୱାସ।
> **-ପ୍ରଦୀପ ମିରାସେ (ବନଖଣ୍ଡ ଅଧିକାରୀ, ସୁନ୍ଦରଗଡ)**

## ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ

ରାଉରକେଲା,୨୯।୧୨(ଦିନେଶ ମିଶ୍ର)

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅଧୀନରେ କ୍ରୀଡା, ସାଂସ୍କୃତିକ ଓ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ସୁଜାତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାଉରକେଲା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ନୋଡାଲ ଅଫିସର ପ୍ରଫେସର ରଶ୍ମିରଞ୍ଜନ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡକ୍ଟର ପ୍ରଦୀପ କୁମାର ନନ୍ଦ ମୁଖ୍ୟ ଅତିଥି, ମନୋରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଫେସର ତପସ୍ୱିନୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ନୋଡାଲ ଅଧିକାରୀ ଡକ୍ଟର ରବିନ୍ଦ୍ର କୁମାର ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଆଭ୍ୟନ୍ତରୀଣ ଶକ୍ତିର ବିକାଶ ଓ ପ୍ରତିଭା ଚିହ୍ନଟ ପାଇଁ ଏକ ସୁନ୍ଦର ପ୍ରୟାସ ବୋଲି ମତପ୍ରକାଶ କରିଥିଲେ। ନୋଡାଲ ଅଫିସର ରଶ୍ମିପ୍ରଭା ମଥାନ, କରୁଣାକର ପାଢଶାଣୀ, ତରୁଣ ନାୟକ, ରଞ୍ଜିତ କୁମାର ପ୍ରଧାନ, ବିନବିହାରୀ କିଷାନ, ଜିତେନ୍ଦ୍ର ଡାକୁଆ, ସୋନାଲି ମହାନନ୍ଦ, ବିକ୍ରମ ସାହୁ ପ୍ରମୁଖ ସହଯୋଗ କରିଥିଲେ। ରଶ୍ମିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପିର ୨ କର୍ମଚାରୀ ପୁରସ୍କୃତ

ରାଉରକେଲା,୨୯।୧୨(ଦିନେଶ ମିଶ୍ର)

ରାଉରକେଲା ଇସ୍ପାତ କାରଖାନାର ଦୁଇଜଣ କର୍ମଚାରୀ ଓଡିଶା ରାଜ୍ୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପୁରସ୍କାର ପାଇଛନ୍ତି। ଆର୍‌ଏସ୍‌ପି ପାଇପ୍ ପ୍ଲାଣ୍ଟ ବିଭାଗର ଅପରେଟର କମ୍ ଟେକ୍ନସିଆନ ବିଦ୍ୟାଧର ବେହେରା ଓ କାର୍ମିକ ବିଭାଗର ଅଫିସର ଯୋଗେନ୍ଦ୍ର କୁମାର ଦାଶ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟ ପାରା ଆଥ୍‌ଲେଟିକ୍ସରେ ଏହି ପୁରସ୍କାର ଲାଭ କରି ଇସ୍ପାତ ସହର ପାଇଁ ଗୌରବ ଆଣିଛନ୍ତି । ଜାଭେଲିନ୍ ଥ୍ରୋରେ ବିଦ୍ୟାଧର ବେହେରା ଓ ସଟ୍‌ପୁଟ୍ ଥ୍ରୋରେ ଯୋଗେନ୍ଦ୍ର ଦାଶ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଦୁଇ ଖେଳାଳିଙ୍କ ସଫଳତାକୁ ନେଇ ଆରଏସପି କାର୍ମିକ, ୱାକର୍ସ ବିଭାଗର ଜେନେରାଲ ମ୍ୟାନେଜର ଇନ୍‌ଚାର୍ଜ ଧୀରେନ୍ଦ୍ର ମିଶ୍ର ୨୦୨୩ ଡିସେମ୍ବର ୨୮ରେ ତାଙ୍କ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଉଭୟ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


ଆରଏସ୍‌ପିର ସଫଳ ଆଥ୍‌ଲେଟ୍‌ଙ୍କୁ ପୁରସ୍କୃତ କରାଯାଉଛି।

## ଗୋଷ୍ଠୀ କେନ୍ଦ୍ର ନିର୍ମାଣରେ ଅନିୟମିତତା

ସୁନ୍ଦରଗଡ଼,୨୮।୧୨(ଜୟ ନାରାୟଣ ମେଣ୍ଟୁଲି)

ସଦର ବିଧାୟିକା କୁସୁମ ଟେଟେଙ୍କ ପ୍ରସ୍ତାବକ୍ରମେ ସୁନ୍ଦରଗଡ ପୋଷ୍ଟ ଅଫିସ ସମ୍ମୁଖ ଦୁର୍ଗା ମଣ୍ଡପ ନିକଟରେ ୩୦ ଲକ୍ଷ ଟଙ୍କା ବିନିମୟରେ ଏକ ଗୋଷ୍ଠୀକେନ୍ଦ୍ରର ନିର୍ମାଣ କାମ ଗତବର୍ଷ ଆରମ୍ଭ ହୋଇଥିଲା। ଢୁଲୁଙ୍ଗା ଏନଟିପିସିର ପାରିପାର୍ଶିକ ପାଣ୍ଠିରୁ ନିର୍ମାଣାଧୀନ ଏହି କେନ୍ଦ୍ର ଆରମ୍ଭରୁ ବ୍ୟାପକ ଅନମିୟତା ହୋଇଥିବା ସମ୍ମାନକୁ ଆସିଛି। ନିର୍ମାଣ ସମୟରେ ଭଙ୍ଗା ଯାଇଥିବା ପୁରୁଣା ଇଟା ବ୍ୟବହାର କରାଯାଇଥିବା ଦେଖିବାକୁ ମିଳିଛି। ଉକ୍ତ କେନ୍ଦ୍ରରେ ଶୌଚାଳୟ କି ସ୍ନାନାଗାର ନିର୍ମାଣ ହୋଇନାହିଁ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା ଏହି କେନ୍ଦ୍ର ଆଗରେ ୩ଟି ଦୋକାନ ଗୃହ ନିର୍ମାଣ କରାଯାଇଛି। ପଛପଟ ଦେଇ କେନ୍ଦ୍ରର ପ୍ରବେଶ ଦ୍ୱାର ତିଆରି ହୋଇଛି। ତେବେ ପ୍ରଶାସନ ଏଥିପାଇଁ କିଭଳି ଅନୁମତି ଦେଲା ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ଜମି ଉପରେ ସରକାରୀ ଅର୍ଥରେ ନିର୍ମାଣ ହୋଇଥିବା ଦୋକାନଘର ଗୁଡିକ ନିୟମ ମୁତାବକ ଟେଣ୍ଡର ଡକାଯାଇ ନିଲାମ କରିବା କଥା, ହେଲେ ତା ପୂର୍ବରୁ ଏହି ଦୋକାନ ଘର ଗୁଡିକ ବଣ୍ଟା ସରିଥିବା ନେଇ ସୂଚନା ମିଳିଛି। ଅନିୟମିତତା ନେଇ ଜଣେ ସଚେତନ ଯୁବକ ସୁବାସ ରଣା ଜିଲାପାଳଙ୍କୁ ସୂଚନା ଦେଇଛନ୍ତି। ଜିଲାପାଳ ଏ ନେଇ ତଦନ୍ତ କରିବାକୁ ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆଙ୍କୁ ଦାୟିତ୍ୱ ଦେଇଛନ୍ତି। ଏ ସମ୍ପର୍କରେ ସଦର ବିଡିଓ ମୋତିଲାଲ ସୁଲିଆଙ୍କୁ ପଚାରିବାରୁ, ୬ମାସ ହେବ ଏହାର ନିର୍ମାଣ କାମ ବନ୍ଦ ରହିଛି। ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏକ କମିଟି ଏହାର ତଦନ୍ତ କରୁଛି। ତଦନ୍ତ ରିପୋର୍ଟ ପରେ ଜିଲାପାଳ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି।



**ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ**

## ସଂକ୍ଷେପରେ

### ଘରକାନ୍ଥ ଭାଙ୍ଗି ଧାନ ଖାଇଲେ



କୁଚିଣ୍ଡା,୨୮।୧୨(ବିରଞ୍ଚି ଦର୍କା): କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତରେ ବୁଧବାର ଓ ଗୁରୁବାର ଦୁଇଦିନ ଧରି ହାତୀ ଘର ଭାଙ୍ଗି ଧାନ ଖାଇବା ପରେ ଗୁରୁବାର ରାତିରେ ଜମନକିରା ବ୍ଲକର ଡିମିରିମୁଣ୍ଡା ଧାନ ମଣ୍ଡି ଓ ଶିରିଡ ପଞ୍ଚାୟତ କରଙ୍ଗାମାଲ ଗ୍ରାମରେ ହାତୀପଲ ଘର ଭାଙ୍ଗି ଧାନ ଖାଇଦେଇଛନ୍ତି। ହାତୀପଲ ଡିମିରିମୁଣ୍ଡା ମଣ୍ଡିରେ ଧାନ ଖାଇବା ପରେ କରଙ୍ଗାମାଲ ଗ୍ରାମର ଶ୍ରୀୟା କାଣ୍ଡୁଲାନା ଓ ଗିରିଧାରୀ ବାଘଙ୍କ ଘର ଭାଙ୍ଗି ସାଇତି ରଖିଥିବା ଧାନ ଚାଉଳ ଆଦି ଖାଇ ଦେଇଛନ୍ତି। ହାତୀ ଘର ଭାଙ୍ଗୁଥିବା ଜାଣି ପରିବାର ଲୋକ ପିଲାଛୁଆ ଧରି ଜୀବନ ବିକଳରେ ଦୌଡି ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବନବିଭାଗ କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

### ସମ୍ବଲପୁରୀ ଧନୁଯାତ୍ରା ପାଇଁ ଗୋପପୁର କମିଟି ଗଠିତ

ସମ୍ବଲପୁର,୨୯।୧୨ (ଭବାନୀ ଶଙ୍କର ଭୋଇ):ସମ୍ବଲପୁରରେ ହେବାକୁ ଥିବା ସମ୍ବଲପୁରୀ ଧନୁଯାତ୍ରା ପାଇଁ ଶୁକ୍ରବାର ଗୋପପୁର କମିଟି ଗଠନ କରାଯାଇଛି। ଏଥିରେ ଆଦିତ୍ୟ ପ୍ରସାଦ ନାୟକ ସଭାପତି, ଘନଶ୍ୟାମ କର ଏବଂ ଜନାର୍ଦ୍ଦନ ଛୁରିଆ ଉପସଭାପତି, ଗଣେଷ ମହନ୍ତମ ସାଧାରଣ ସମ୍ପାଦକ, ଅନ୍ତର୍ଯାମୀ ବାଘ ଓ ଅରବିନ୍ଦ ପୁରୋହିତ ସହସମ୍ପାଦକ, ସରୋଜ ମହାପାତ୍ର, ଅଶୋକ ତନସନା, ବରିଶ ମହନ୍ତମ ସାଂସ୍କୃତିକ ସମ୍ପାଦକ, ସୀମାନ୍ତ ବେହେରା, ସରୋଜ ବାଦୀ, ବରୁଣ ରୋହିଦାସ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଶିବଶଙ୍କର ବଡାଇ ଓ ଜ୍ୟୋତିପ୍ରକାଶ ପତି ଗଣମାଧ୍ୟମ ସଂଯୋଜକ, ଦିଗମ୍ବର ସିଂହ, ଯୋଗେନ୍ଦ୍ର ମାଝି, ଭଗବାନ ଠାକୁର, ସଚ୍ଚିଦାନନ୍ଦ ପରିଚ୍ଛା, ସୁଶାନ୍ତ ପଣ୍ଡା, ମହାଦେବ ସେଠ ପରାମର୍ଶଦାତା କମିଟିରେ ରହିଛନ୍ତି। ଏହାସହ ଆର୍ଥିକ ବ୍ୟବସ୍ଥା ବୁଝିବା ପାଇଁ ନରେଶ ସିଂହଙ୍କ ନେତୃତ୍ୱରେ ୨୧ ଜଣିଆ ଅର୍ଥକମିଟିଗଠନକରାଯାଇଛି।ସମ୍ବଲପୁରୀ ଧନୁଯାତ୍ରା ଆୟୋଜନ ପାଇଁ ଚାଉଁରପୁର ଲୋକଙ୍କ ସହ ଆଲୋଚନା କରାଯାଇ ଅଞ୍ଚଳକୁ ଗୋପପୁର ଭାବେ ପ୍ରଦର୍ଶିତ କରାଯିବ ବୋଲି ପୂର୍ବରୁ ସ୍ଥିର ହୋଇଛି।

### ୩ ଦିନିଆ ହକି ପ୍ରତିଯୋଗିତା

ସମ୍ବଲପୁର,୨୯।୧୨ (ଭବାନୀ ଶଙ୍କର ଭୋଇ): ଝୁଝୁମୁରା ବ୍ଲକ ମେଘପାଲ ପଞ୍ଚାୟତର ବାଣ୍ଡିଝରନଠାରେ ୩ଦିନିଆ ବ୍ଲକସ୍ତରୀୟ ହକି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ମୋଟ ୨୪ ଦଳ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଫାଇନାଲ ଖେଳରେ ଛାମୁଣ୍ଡା ଗୌରଗୋଠ ଜିଆର୍‌ଜି କ୍ଲବ ରେଢ଼ାଖୋଲ ଡାଁଗଟେକା ଗାଁର ପ୍ରେମଚାନ୍ଦ କ୍ଲବ କୁ ୪–୩ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଗୌରଗୋଠର କୁଲଦୀପ ଲୁଗୁନ୍ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଜେଡି ଯୁବନେତା ବରୁଣ ଦେହୁରି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏମେନ୍ ଡାଙ୍ଗ, ପ୍ରମୋଦ ଡାଙ୍ଗ, ସରିତା ମିଞ୍ଜ, ମୁବାରକ ଲୁଗୁନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅମର ଲୁଗୁନ, ବିକାଶ ଟପ୍ପୋ ଖେଳ ପରିଚାଳନା କରିଥିଲେ।

# ବିଦ୍ୟୁତ୍ ସଂଯୋଗ ଛିନ୍ନ, ୪୦ ଲିଫ୍ଟ ପଏଣ୍ଟ ଅଚଳ

- ଚାଷ ପ୍ରଭାବିତ ହେବା ଆଶଙ୍କା
- ଆର୍‌ଡିସିଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ଚାଷୀ

ସମ୍ବଲପୁର,୨୯।୧୨(ପ୍ରମୋଦ ବହିଦାର)

ମାନେଶ୍ୱର ବ୍ଲକ ଜୟନ୍ତପୁର, କବରାପାଲି ଓ ଘେନୁପାଲି ପଞ୍ଚାୟତରେ ଥିବା ଉଠା ଜଳସେଚନ ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ ଛିନ୍ନ କରି ଦିଆଯାଇଥିବାରୁ ଅଞ୍ଚଳରେ ଥିବା ୪୦ରୁ ଅଧିକ ଲିଫ୍ଟ ପଏଣ୍ଟ ଅଚଳ ହୋଇପଡ଼ିଛି। ବର୍ତ୍ତମାନ ଚାଷୀ ରବିଚାଷ ପାଇଁ ସଜବାଜ ହେଉଥିବା ବେଳେ ବିଦ୍ୟୁତ ସଂଯୋଗ ଛିନ୍ନ ଜନିତ ଲିଫ୍ଟ ପଏଣ୍ଟ ଅଚଳକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏହାକୁ ନେଇ ଶୁକ୍ରବାର ତିନୋଟି ପଞ୍ଚାୟତର ଶତାଧିକ ଚାଷୀ ସମ୍ବଲପୁରରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ ଲିଫ୍ଟ ପଏଣ୍ଟଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏହାସହ ବିନା ପୂର୍ବ ସୂଚନାରେ ବିଦ୍ୟୁତ ସଂଯୋଗ ଛିନ୍ନ କରିଥିବା ବିଦ୍ୟୁତ୍ ଯୋଗାଣ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଦାବି କରିଥିଲେ।



ଆର୍‌ଡିସିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

ଚାଷୀଙ୍କ ଅଭିଯୋଗକ୍ରମେ, ବର୍ତ୍ତମାନ ରବିଧାନ ଚାଷ ପାଇଁ ପଲ୍ଲା ପକାଇବାରେ ଅଚଳ ଲିଫ୍ଟ ପଏଣ୍ଟ ବାଧକ ସାଜିଛି। ଫଳରେ ଅଞ୍ଚଳର ପ୍ରାୟ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜୀବିକା ପ୍ରଭାବିତ ହେବା ଆଶଙ୍କା ରହିଛି। ତେବେ ବିଦ୍ୟୁତ୍ ସଂଯୋଗ ବିଳମ୍ବ ହେଲେ ଚଳିତ ରବିଋତୁରେ ଆଗକୁ ଚାଷ କରିବା ସମ୍ଭବାନ କ୍ଷୀଣ। ଯଦ୍ୱାରା ଉକ୍ତ ଅଞ୍ଚଳରେ ପ୍ରାୟ ୪ ହଜାର ଏକର ଜମିରେ ରବିଚାଷ ପ୍ରଭାବିତ ହୋଇ ଚାଷ କ୍ଷେତ୍ରରେ ୨୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ହାନି ହେବା ସମ୍ଭାବନା ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ ବର୍ଷାଋତୁରେ ଆବଶ୍ୟକତା ନ ଥିବାରୁ ଲିଫ୍ଟ ପଏଣ୍ଟଗୁଡ଼ିକ ବ୍ୟବହୃତ ହୋଇ ନ ଥିଲା। ମାତ୍ର ବିଭିନ୍ନ ଲିଫ୍ଟ ପଏଣ୍ଟ ଦାୟିତ୍ୱରେ ଥିବା ପାଣିପଞ୍ଚାୟତକୁ ଲକ୍ଷାଧିକ ଟଙ୍କାର ବିଲ୍ ଆସିଛି। ଏହା ପଇଠ କରା ନ ଯିବା ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ କରାଯିବ ନାହିଁ ବୋଲି ଦାୟିତ୍ୱରେ ଥିବା ଟିପିଡବ୍ଲ୍ୟୁଓଡିଏଲ୍ ଯନ୍ତ୍ରୀଙ୍କ ପକ୍ଷରୁ କୁହାଯାଉଥିବା ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ବର୍ତ୍ତମାନ ଅମଳ ସମୟ ଚାଲିଥିବା ବେଳେ ବହୁ ଚାଷୀ ତାଙ୍କ କ୍ଷେତରୁ ଏପର୍ଯ୍ୟନ୍ତ ଧାନକାଟି ନାହାନ୍ତି। ଏପରି କି ଆଉ କେତେକ ଚାଷୀ ଅମଳ କରିଥିବା ଧାନକୁ ବର୍ତ୍ତମାନ ପର୍ଯ୍ୟନ୍ତ ମଣ୍ଡିରେ ବିକ୍ରୟ କରିନାହାନ୍ତି କିମ୍ବା ବିକ୍ରୟ ହୋଇ ସାରିଥିଲେ ହେଁ ଅନେକ ଚାଷୀଙ୍କୁ ଏବାବଦ ଟଙ୍କା ମିଳିନାହିଁ। ଅମଳ ଟଙ୍କା ନ ମିଳିବା ପର୍ଯ୍ୟନ୍ତ ବିଦ୍ୟୁତ ବିଲ ମଧ୍ୟ ପାଇଠ କରିବା ଅସମ୍ଭବ ବୋଲି ଚାଷୀମାନେ କହିଛନ୍ତି। ତେଣୁ ବିନା ବ୍ୟବହାରରେ ଆସିଥିବା ବିଦ୍ୟୁତ୍ ବିଲ୍‌ର ଉପଯୁକ୍ତ ସମୀକ୍ଷା ପୂର୍ବକ ବିଦ୍ୟୁତ ବିଲ୍‌କୁ ଦେୟ ମୁକ୍ତ କରିବା ଓ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଚାଷୀମାନେ ଏ ନେଇ ସମ୍ବଲପୁର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ପଶ୍ଚିମାଞ୍ଚଳ ବିଦ୍ୟୁତ୍ ସରବରାହ ଅଧିକ୍ଷଣ ଯନ୍ତ୍ରୀ, ବୁର୍ଲା, ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କମିଶନରଙ୍କ ଅନୁପସ୍ଥିତିରେ ଦାବିପତ୍ରକୁ ତାଙ୍କ ସଚିବ ସୁକାନ୍ତ ତ୍ରିପାଠୀ ଗ୍ରହଣ କରିଥିଲେ। ଚାଷୀମାନେ ଅଇଁଠାପାଲି ସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟରେ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ନିର୍ହାହୀ ଯନ୍ତ୍ରୀ ରାଜୀବ ରଞ୍ଜନ ଉକ୍ତ ଅଞ୍ଚଳର ଉଠା ଜଳସେଚନ ପ୍ରକଳ୍ପକୁ ପୁନଃ ବିଦ୍ୟୁତ୍ ସଂଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲ୍ କର୍ପୋରେଟ୍ ଯୋଗାଯୋଗ ମୁଖ୍ୟ ମନୋଜ ପଟ୍ଟନାୟକଙ୍କୁ ଯୋଗାଯୋଗ ପାଇଁ ପ୍ରୟାସ କରାଯାଇଥିବା ବେଳେ ତାଙ୍କ ମୋବାଇଲ୍ ବନ୍ଦ ରହିଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

### ପୁରାତନ ସମ୍ବଲପୁରୀ ସଂସ୍କୃତି ପ୍ରଚାର କାର୍ଯ୍ୟକ୍ରମ

ସମ୍ବଲପୁର,୨୯।୧୨ (ଭବାନୀ ଶଙ୍କର ଭୋଇ)

ଧନକଉଡା ବ୍ଲକର ବିଶାଳଖିଣ୍ଡାରେ ସମ୍ବଲପୁରୀ ଭାଷା ଏକାଡ଼େମୀ ପକ୍ଷରୁ ସମ୍ବଲପୁରୀ ସପ୍ତାହ ପାଳନ ଅବସରରେ ପୁରାତନ ସମ୍ବଲପୁରୀ ସଂସ୍କୃତି ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଛି। ମା' ସମଲେଇଙ୍କୁ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ହେମନ୍ତ ସାହୁ ମୁଖ୍ୟ ଅତିଥି ଓ ଦୀପକ ମହାନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଲୋକ କଳାକାରମାନେ ଲୁପ୍ତପ୍ରାୟ ଲୋକକଳା ପରିବେଷଣ କରିଥିଲେ। ଦୀପକ ମହାନନ୍ଦ ଜୁହାର୍ ଗୋ ମା' କରମ ସାନି.... ଜୁହାର୍ ମା' ସମଲେଇ ଗୀତ ଗାନକରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶ୍ୟାମସୁନ୍ଦର ଗର୍ଡିଆ ମାଦଳ ବଜାଇ ଛାତ୍ରୀଛାତ୍ରଙ୍କୁ ଏହାର ବାଦ୍ୟତତ୍ତ୍ୱ ଉପରେ ଜଣାଇଥିଲେ। ଛଣ୍ଡାର, ଯାତ୍ରା ମଲ୍ଲୀ ଭଳି ବହୁ ଲୁକ୍କାୟିତ ଗ୍ରାମ୍ୟ ପରମ୍ପରାକୁ ଅତିଥିମାନେ ମଞ୍ଚରେ ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ଏହି କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଦେବାଶିଷ ସାହୁ ସଞ୍ଚାଳନ କରିଥଲେ।

## ଶହୀଦ ସ୍ମାରକୀର ବିକାଶ ଅପେକ୍ଷାରେ କୁଦୋପାଲି

ସମ୍ବଲପୁର,୨୯।୧୨ (ଭବାନୀ ଶଙ୍କର ଭୋଇ)

୧୮୫୭ ଡିସେମ୍ବର ୩୦ରେ କୁଦୋପାଲି ଘାଟିରେ ଇଂରେଜମାନଙ୍କ ଅତର୍କିତ ଆକ୍ରମଣରେ ବୀର ସୁରେନ୍ଦ୍ର ସାଏଙ୍କ ପଞ୍ଚମ ଭାଇ ଛବିଳ ସାଏଙ୍କ ସମେତ ୫୩ ଜଣ ସଂଗ୍ରାମୀ କୁଦୋପାଲିରେ ଶହୀଦ ହୋଇଥିଲେ। ଏହାସହ ଅନ୍ୟ ଚାରିଜଣ ସଂଗ୍ରାମୀ ଇଂରେଜ ହାତରେ ଧରାପଡି ଫାଶୀଖୁଣ୍ଟରେ ଝୁଲିଥିଲେ। ସେହିପରି ଯୁଦ୍ଧ ସମୟରେ ଜଣେ ଇଂରେଜ ସୈନ୍ୟ ସୁରେନ୍ଦ୍ର ସାଏଙ୍କୁ ସମର୍ଥନ କରି ପାଲଟା ଇଂରେଜ ସୈନ୍ୟଙ୍କ ଉପରେ ଗୁଳି ଚଳାଇଥିବା ଅଭିଯୋଗରେ ଫାଶୀଦଣ୍ଡ ପାଇଥିଲେ। ଏପରି ମୋଟ ୫୮ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ ବି କୁଦୋପାଲି ଶହୀଦ ପୀଠ ଯେତିକି ଜନମାନସରେ ପରିଚିତ ହେବା କଥା ହୋଇପାରିନାହିଁ।



ଐତିହାସିକ କୁଦୋପାଲି ଗାଁର ଦୃଶ୍ୟ।

୧୮୫୭ ଡିସେମ୍ବର ୩୦ ତାରିଖ ବଳିଦାନ ଦିନକୁ ମନେ ପକାଇ କୁଦୋପାଲିରେ ଗ୍ରାମବାସୀଙ୍କ ଦ୍ୱାରା ନିଜସ୍ୱ ଉଦ୍ୟମରେ ବୀର ଛବିଳ ସାଏ ଶଦୀଦ ସ୍ମାରକୀ ନିର୍ମାଣ କରାଯାଇଛି। ତେବେ ସରକାରୀ ଭାବରେ ଏହା ଏବେ ମାନ୍ୟତା ଅପେକ୍ଷାରେ ରହିଛି। କୁଦୋପାଲିର ଇତିହାସକୁ ଏହି ଶହୀଦ ସ୍ମାରକୀରେ ସ୍ଥାନିତ କରାଯାଇଛି। ଗାଁର ଇତିହାସକୁ ସଂରକ୍ଷିତ କରି ରଖିବା ଓ ଆଗନ୍ତୁକଙ୍କୁ ଏହା ଜଣାଇବା ପାଇଁ ଏହି ସ୍ମାରକୀ ପ୍ରମୁଖ ଭୂମିକା ନେବ ବୋଲି ବୀର ଛବିଳ

**ଆଜି ବଳିଦାନ ଦିବସ**

ସାଏ ଶହୀଦ ସ୍ମାରକୀ କମିଟି ସଭାପତି ପ୍ରଫୁଲ୍ଲ ଭୋଇ କହିଛନ୍ତି। ୧୯୮୬ରୁ ଘଟଣାକୁ ମନେ ପକାଇ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଆସୁଛି। ୨୦୧୩ରୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଡିସେମ୍ବର ୩୦କୁ ବଳିଦାନ ଦିନ ଭାବେ ଆଖ୍ୟାୟିତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଆସୁଛି। ତେବେ ରାଜ୍ୟ ସରକାର କୁଦୋପାଲିକୁ ଐତିହାସିକ ଗ୍ରାମ ଭାବରେ ମାନ୍ୟତା ଦେଇ ବିକାଶ ଯୋଜନା ହାତକୁ ନେଇ ନ ଥିବାରୁ କମିଟିର କୋଷାଧ୍ୟକ୍ଷ ତରଣୀ ସେଠ କ୍ଷୋଭ ପ୍ରକାଶ କରିଛନ୍ତି। କୁଦୋପାଲିରେ ବୀର ଛବିଳ ସାଏ ଶହୀଦ ସ୍ମାରକୀ ସ୍ଥାପନ ପରେ ଗାଁର ଇତିହାସକୁ ଲୋକେ ଜାଣିବେ ବୋଲି କମିଟି ସମ୍ପାଦକ ବିକାଶ ସାହୁ କହିଛନ୍ତି।

## ଆରଣ୍ୟକ ମଣ୍ଡପରେ କଳାକାର ସମାବେଶ

ସମ୍ବଲପୁର,୨୯।୧୨(ବି.ଶଙ୍କର)

ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଉପଲକ୍ଷେ ଶୁକ୍ରବାର ସ୍ଥାନୀୟ ଝାଡୁଆପଡା ଆରଣ୍ୟକ ମଣ୍ଡପରେ ପ୍ରତିବର୍ଷ ଭଳି କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟବିତ ଡ. ଶ୍ୟାମ ସୁନ୍ଦର ଧରଙ୍କ ଅଧ୍ୟକ୍ଷତାରେ ସମାବେଶ ହୋଇଥିଲା। ତୃପ୍ତି ମିଶ୍ର, ଭବାନୀ ଶଙ୍କର ଦାଶ, ସତ୍ୟ ରଞ୍ଜନ ବେହେରା, ଡ. ଦ୍ୱାରିକାନାଥ ନାୟକ, ପ୍ରଶାନ୍ତ ମହାରଣା, ମମତା ପଣ୍ଡା, ଅତିଶ କୁମାର ଶତପଥୀ, କରୁଣାକର ଶତପଥୀ ପ୍ରମୁଖ ଯୋଗଦେଇ ସମ୍ବଲପୁରୀ ନାଟକର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପଦ୍ମଲୋଚନ ଦାଶ ଚଳିତବର୍ଷର ପ୍ରଦର୍ଶିତ ନାଟକ ଉପରେ ନିଜସ୍ୱ ମତ ରଖିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମଗ୍ର ବିଶ୍ୱରେ ନାଟକର ବ୍ୟାକରଣ ଗୋଟିଏ । ନାଟକର ଭାଷା ହେଉଛି ଅଭିନୟର ଭାଷା ଯାହା କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଆବଦ୍ଧ ନୁହେଁ ବୋଲି ସଭାରେ ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଯୁବ ଉଦୟନର ସମ୍ପାଦକ ଅଭିଷେକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସମ୍ବଲପୁର ସମେତ ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରୁ କଳାକାର, ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟକାର ସାମିଲ ହୋଇଥିଲେ ।



କଳାକାର ସମାବେଶରେ ବକ୍ତାମାନେ

## ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବୈଠକ



ବୈଠକରେ କର୍ମକର୍ତ୍ତା ଓ ସଭ୍ୟମାନେ।

ସମ୍ବଲପୁର,୨୯।୧୨(ବି.ଶଙ୍କର)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରେଞ୍ଜସ୍ତରୀୟ ବୈଠକ ଶୁକ୍ରବାର ସମ୍ବଲପୁର ଜିଲା ଝୁଝୁମୁରାଠାରେ ଅନୁଷ୍ଠିତ ହୋଇଯାଇଛି। ଡିଭିଜନ ସମ୍ପାଦକ ଗୋକୁଳ ମେହେରଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏଥିରେ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ୧୪ ଦଫା ଦାବି ପୂରଣ

**୧୪ ଦଫା ଦାବି ପୂରଣ ନେଇ ଆଲୋଚନା**

ପାଇଁ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇ କର୍ମଚାରୀମାନଙ୍କୁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରମୁଖ ଦାବି ମଧ୍ୟରେ ସିଜନାଲ କର୍ମଚାରୀଙ୍କ ମାସିକ ଦରମା ବୃଦ୍ଧି, ତୋଳାଳିଙ୍କ କେନ୍ଦୁପତ୍ର ମୂଲ୍ୟ ବୃଦ୍ଧି, ବନ୍ଧେଇ ଶ୍ରମିକମାନଙ୍କ ମଜୁରି ବୃଦ୍ଧି, କନ୍ୟା ବିବାହ ସହାୟତା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇ ନ ଥିବାରୁ କର୍ମଚାରୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ରେଞ୍ଜ ସମ୍ପାଦକ ଅନାଦି ମିର୍ଦ୍ଧା, ପ୍ରମୋଦ ବିଶ୍ୱାଳ, ନେଲସନ ବାରଲା, ପକେଇ ମିର୍ଦ୍ଧା, ସୁକୁନ ମିର୍ଦ୍ଧା, ସୁକାନ୍ତି ମାଝି, ସମ୍ବାରି ମିର୍ଦ୍ଧା, ସୁଧାଂଶୁ ବାଙ୍କ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଲୋକ ମହୋତ୍ସବ: ମାନେଶ୍ୱର ବ୍ଲକରେ ଆଲୋଚନାଚକ୍ର

ସମ୍ବଲପୁର,୨୯।୧୨ (ଭବାନୀ ଶଙ୍କର ଭୋଇ)

ଲୋକ ମହୋତ୍ସବ ସମ୍ବଲପୁର ଆୟୋଜନ ପୂର୍ବରୁ ମାନେଶ୍ୱର ବ୍ଲକ ପ୍ରେକ୍ଷାଳୟଠାରେ ଲୋକ ମହୋତ୍ସବ ସଂରକ୍ଷଣରେ ଗଣମାଧ୍ୟମ ଭୂମିକା ଶୀର୍ଷକ ବ୍ଲକସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରୁକ୍ମିଣୀ ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖବରଦାତା ଦେବେନ ପଟେଲ ମୁଖ୍ୟବକ୍ତା ଭାବେ ଲୋକ ମହୋତ୍ସବର ପ୍ରଚାର ପ୍ରସାର ଦିଗରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଭାଗ୍ୟଶ୍ରୀ ଭୋଇ, ସାହିତ୍ୟିକ ଜୟକୃଷ୍ଣ ବେହେରା, କମଳଲୋଚନ ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆଲୋଚନା ଚକ୍ର ଉପସମିତି ଆବାହକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ସଭାପତିତ୍ୱ କରିଥିବାବେଳେ ଗୁଣରଞ୍ଜନ ସାଲିମା ଧନ୍ୟବାଦ ଅର୍ପଣ କରିଥିଲେ।

### ଗୀତାଯଜ୍ଞ, ବିଷ୍ଣୁ ସହସ୍ର ନାମ କୀର୍ତ୍ତନ

ସମ୍ବଲପୁର,୨୯।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଚନ୍ଦନରଗରସ୍ଥିତ ଶ୍ରୀବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭା ପକ୍ଷରୁ ବିଶ୍ୱଶାନ୍ତି କଳ୍ପେ ଶ୍ରୀମଦ୍ ଭାଗବତ ଗୀତାଯଜ୍ଞ ଓ ବିଷ୍ଣୁ ସହସ୍ରନାମ କୀର୍ତ୍ତନ ଅନସ୍ଥିତ ହୋଇଯାଇଛି। ମହାସଭା ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡାଙ୍କ ଆହ୍ୱାନ କ୍ରମେ ଭୂତାଣୁ ଜନିତ ମହାମାରୀ, ଅନ୍ତର୍ଜାତୀୟ ସ୍ତରରେ ଯୁଦ୍ଧ ଆତଙ୍କ ଆଦି ଦୈବି ଦୁର୍ବିପାକ ପ୍ରସମନ ସହ ସନାତନ ଧର୍ମର ସୁରକ୍ଷା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ କର୍ତ୍ତା ଭାବେ ପଣ୍ଡିତ ଗୌରବ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ନିଖିଳ ଓଡ଼ିଶା ବ୍ରାହ୍ମଣ ସମାଜର କାର୍ଯ୍ୟକାରୀ ସଭାପତି ପ୍ରେମାନନ୍ଦ ଦାଶଙ୍କ ସହିତ ପଣ୍ଡିତ ବଂଶୀଧର ଶତପଥୀ, ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର କରଶର୍ମା, ଅମରନାଥ ମିଶ୍ର, ଲକ୍ଷ୍ମଣ ବେହେରା, ଝସକେତନ ହୋତା, ଚନ୍ଦ୍ରକାନ୍ତ ପାଣିଗ୍ରାହୀ ପ୍ରମୁଖ ପଣ୍ଡିତ ମହାସଭାର ପ୍ରାୟ ୫୧ ଜଣ ପଣ୍ଡିତ ଯୋଗ ଦେଇଥିଲେ।

## ମାହେଶ୍ୱରୀ କପ୍ କ୍ରିକେଟ: ବାଟଗାଁ ଚାମ୍ପିୟନ

ନାକଟିଦେଉଳ,୨୯।୧୨(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ବଳମ ଗ୍ରା.ପ. ଅନ୍ତର୍ଗତ ଉପରମୁଣ୍ଡା ମାହେଶ୍ୱରୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଉପରମୁଣ୍ଡା ଖେଳ ପଡ଼ିଆଠାରେ ଚାଲିଥିବା ମାହେଶ୍ୱରୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୨୦ଟି କ୍ରିକେଟ ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ମାହେଶ୍ୱରୀ କ୍ରିକେଟ କ୍ଲବ ଓ ବାଟଗାଁ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ ଜିଣି ବାଟଗାଁ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ହରାଇ ୧୬୦ରନ କରିଥିଲା। ଜବାବରେ ମାହେଶ୍ୱରୀ ଦଳ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୨୫ରନ ସଂଗ୍ରହ କରି ମ୍ୟାଚ୍ ହାରିଯାଇଥିଲା। ଚାମ୍ପିୟନ ବାଟଗାଁ ଦଳର ଲିଟୁ ଦାଶ ମ୍ୟାନ ଅଫ ଦି ମ୍ୟାଚ ଓ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ମାହେଶ୍ୱରୀ ଦଳର ଦେବାଶିଷ ସାହୁ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ୱାରିସ ପ୍ରଧାନ ଓ ପ୍ରବୀଣ କୁମାର ରାଉଳ। ବଞ୍ଚାଗୋଳା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଭାଜପା କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ ଓ ଶିକ୍ଷକ ହୁସେନ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧୀରେନ୍ଦ୍ର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମଣ୍ଡିରେ ପଶି ଧାନ ଖାଇଲେ ହାତୀପଲ

କୁଚିଣ୍ଡା,୨୮।୧୨(ବିରଞ୍ଚି ଦର୍କା)

କୁଚିଣ୍ଡା ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ଡିମିରିମୁଣ୍ଡା ଧାନ ମଣ୍ଡିରେ ଗୁରୁବାର ରାତିରେ ଏକ ହାତୀପଲ ପଶି ଚାଷୀଙ୍କ ପ୍ରାୟ ୧୦ ବସ୍ତା ଧାନ ଖାଇବା ସହ ଦଳି ନଷ୍ଟ କରିଦେଇଛନ୍ତି। ଗୋଟିଏ ପଟେ ମିଲର ଠିକ୍ ସମୟରେ ଧାନ ଉଠାଉ ନ ଥିବାବେଳେ ଅନ୍ୟପଟେ ମଣ୍ଡିରେ ହାତୀ ଧାନ ନଷ୍ଟ କରୁଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି।

ବର୍ତ୍ତମାନ ଡିମିରିମୁଣ୍ଡା ଧାନମଣ୍ଡିରେ ୧୨୦ ଜଣ ଚାଷୀଙ୍କ ପ୍ରାୟ ୧୦ ହଜାର ବସ୍ତା ଧାନ ବସ୍ତା ପଡ଼ିରହିଛି। ଚାଷୀ ମଣ୍ଡିରେ ଧାନ ବସ୍ତା ଅନ୍‌ଲୋଡ କରୁଥିବାରୁ ମିଲର ଧାନ ଉଠାଇବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରିସ୍ଥଳେ ଗୁରୁବାର ରାତି ପ୍ରାୟ ୧୨ଟା ସମୟରେ ଏକ ୧୫ ଟିକିଆ ହାତୀପଲ ମଣ୍ଡି ନିକଟକୁ ଆସିଥିଲେ।



ମଣ୍ଡିରେ ଧାନ ବିଛାଡିହୋଇ ପଡିଛି।

ଅଧିକାଂଶ ହାତୀ ମଣ୍ଡି ନିକଟରେ ଅଟକି ରହିଥିବା ବେଳେ ତିନୋଟି ହାତୀ ମଣ୍ଡିକୁ ପଶିଥିଲେ। ଡିମିରିମୁଣ୍ଡା ଧାନ ମଣ୍ଡିଟି ଗ୍ରାମରୁ ବହୁଦୂରରେ ରହିଛି। ରାତିରେ ହାତୀପଲ ମଣ୍ଡିରେ ରଡି ଛାଡିବାରୁ ମଣ୍ଡି ଜଗୁଆଳିମାନେ ଜୀବନ ବଞ୍ଚାଇ ଦୌଡି ପଳାଇଥିଲେ। ହାତୀପଲ ସେଠାରେ ଥିବା ଖଡିଆପାଲି ଗ୍ରାମର ସରୋଜ ନାଏକ, ଦୁର୍ଯ୍ୟୋଧନ ବଲୁଆ, କିଶୋର ସାହୁ, ଝାରମୁଣ୍ଡା ଗ୍ରାମର ଲକ୍ଷ୍ମଣ ପିଙ୍ଗ, ତବଲାକଟା ଗ୍ରାମର ସରିତା ଚକ୍ରବର୍ତ୍ତୀ ଓ ଭାତପୁରା ଗ୍ରାମର ଗୟା କିଷାନଙ୍କ ୧୦ବସ୍ତା ଧାନ ଖାଇଦେଇଥିଲେ। ଏଥିସହ ଅନେକ ଧାନବସ୍ତାକୁ ମାଡ଼ି ଦଳି ନଷ୍ଟ କରିବା ପରେ ହାତୀପଲ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲେ। ଶୁକ୍ରବାର ଏହି ଖବର ପାଇବା ପରେ ଚାଷୀମାନେ ଆତଙ୍କିତ ହୋଇପଡିଛନ୍ତି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

